

# ବ୍ୟଙ୍ଗ ପ୍ରମାଦ

ସ୍ୱାଧୀନ ଭାରତ ନାଗରିକ ମୁଁ
କୁଣ୍ଢେ ମୋଟ ମୋର ଛାତି
ପ୍ରଗତିର ବାନା ହାତରେ ଧରିଛି
ଦୁସ୍ଥ ମୋର ଅର୍ଥନୀତି
ଗ୍ରାମ ସ୍ୱରାଜ ଚୁଲିକି ଗଲାଣି
କର୍ପୋରେଟ ରାଜନୀତି
ଭାରତୀୟ ଭାବେ ଗର୍ବ କରୁଛି
ଏହି ମୋର ଦେଶ ପ୍ରୀତି

# ଜନବାର୍ତ୍ତା

ସାଭିମାନୀ ଓଡ଼ିଆଙ୍କ ସର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

THE JANABARTTA ଜନବାର୍ତ୍ତା • ସାଭିମାନୀ ଓଡ଼ିଆଙ୍କ ସର • LIVE

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com


16 AUGUST to 22 AUGUST 2026

୧୬ ଅଗଷ୍ଟ ଠାରୁ ୨୨ ଅଗଷ୍ଟ, ୨୦୨୬

VOL- 1 • ISSUE- 26 ବର୍ଷ-୧ • ସଂଖ୍ୟା- ୨୬ | PRGI NO- ORORI/26/A0341. • WEEKLY EDITION | ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଆମ ସ୍ୱାଧୀନତାର ୭୯ବର୍ଷ ପୂର୍ଣ୍ଣ ହୋଇଛି । ପାରମ୍ପରିକ ଆନନ୍ଦ ଉଲ୍ଲାସ ମଧ୍ୟରେ ଏହା ଏକ ପର୍ବରେ ପରିଣତ ହୋଇଯାଇଛି । ଏହି ପର୍ବର ପଛରେ ଯେ, ଏକ ଦୀର୍ଘ ସଂଘର୍ଷର ଇତିହାସ ରହିଛି ତାହା ଆଜିକା ପିଢ଼ି ଭୁଲିଯାଇଛନ୍ତି । ଭାରତକୁ ସ୍ୱାଧୀନ କରିବା ପାଇଁ ଲକ୍ଷ୍ମଣ ନାୟକ, ବିର୍ସା ମୁଣ୍ଡା, ସୁରେନ୍ଦ୍ର ସାଏ, ଭଗତ ସିଂ, ଖୁଦୀରାମ – କେତେ ଯେ ବ୍ୟକ୍ତି ହସି ହସି ପ୍ରାଣ ବଳି ଦେଇଛନ୍ତି ତାହାର ସୀମା ନାହିଁ । ସେମାନେ ଜାଣିଥିଲେ ଯେ, ତାଙ୍କର ପ୍ରାଣବଳି ହୁଏତ ଦେଶକୁ ସ୍ୱାଧୀନ କରିପାରିବ ନାହିଁ । କିନ୍ତୁ ସେମାନେ ସେମାନଙ୍କର କାର୍ଯ୍ୟକୁ ସଫଳତା ବା ବିଫଳତାର ମାପକାଠିରେ ତଉଲି ନାହାନ୍ତି । ପ୍ରାଣବଳି ଦେଲେ କେତେ ଲାଭ ବା କେତେ କ୍ଷତି ହେବ, ତାହା ହିସାବ କରିନାହାନ୍ତି । ସେମାନଙ୍କ ପାଇଁ ସ୍ୱାଧୀନତାର ଡାକ ଥିଲା ଏକ ବହ୍ନି ଓ ସେହି ବହ୍ନିରେ ସେମାନେ ଝାସ ଦେଇଥିଲେ ଏକ ମତୁଆଲା ପତଙ୍ଗ ଭଳି । ଆଜି ସେମାନେ ପାଲଟି ଯାଇଛନ୍ତି ଗୋଟିଏ ଗୋଟିଏ ପ୍ରାଣହୀନ ମୂର୍ତ୍ତିରେ । ଆଜି ଯେଉଁମାନେ ସ୍ୱାଧୀନତାର ଅମୃତ ପିଇ ମସ୍‌ଗୁଲ୍, ସେମାନେ କ'ଣ ଜାଣିଛନ୍ତି କେତେ ବ୍ୟକ୍ତି ସେଥିପାଇଁ ବିଷପାନ କରିଛନ୍ତି? ଆସନ୍ତୁ ଆଜି ଆମେ ସେହି ବିସ୍ମୃତ ସୈନିକମାନଙ୍କ ପାଇଁ ଅନ୍ତତଃ ଏକ ଭକ୍ତିପୂର୍ଣ୍ଣ ପ୍ରଣାମ ନିବେଦନ କରିବା ।



**ବିଜୟ କୁମାର ପଟ୍ଟନାୟକ**
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ଆଜି ନେତାଜୀ ସୁଭାଷଙ୍କ କଥା ମନେ ପଡ଼େ । ସ୍ୱାଧୀନତା ପାଇବା ପାଇଁ ତାଙ୍କର ଉତ୍କଣ୍ଠା ତାଙ୍କୁ ଯୁଦ୍ଧବାଦ ପ୍ରତି ଆକର୍ଷିତ କରିଥିଲା । ସେ ମନେ କରିଥିଲେ ଯେ, ଯେହେତୁ ବ୍ରିଟିଶ ସାମ୍ରାଜ୍ୟ ତାହାର ସାମରିକ ଶକ୍ତି ବଳରେ ବିଶ୍ୱକୁ ଅଧିକାର କରିଥିଲା, ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାହାର ସାମରିକ ଦୁର୍ବଳତାର ସୁଯୋଗ ନେଇ ଜର୍ମାନୀ ଓ ଜାପାନ ସହ ହାତ ମିଳାଇ ତାକୁ ହଟାଇ ଦିଆଯାଇ ପାରିବ । ବିଧିର ବିଧାନ ଅନ୍ୟ ପ୍ରକାରର ଥିଲା । ସେ ସଫଳ ହୋଇ ପାରି ନ ଥିଲେ । କିନ୍ତୁ ତାଙ୍କର ଦେଶପ୍ରେମ ଓ ତ୍ୟାଗ ଥିଲା ଅତୁଳନୀୟ । ତାଙ୍କର ସାହସ ଓ ବୀରତ୍ୱ ପ୍ରତି ଆମର ସଲାମ ।

କିନ୍ତୁ ଏ ସମସ୍ତ କାହାଣୀର ଉର୍ଦ୍ଧ୍ୱରେ ଥିଲେ ଜଣେ ମହାନାୟକ – ଜାତିର ପିତା ମହାତ୍ମା ଗାନ୍ଧୀ । ଭାରତ ଭଳି ଏକ ବିଶାଳ ଦେଶ, ଯାହାର ବିବିଧତାକୁ ବ୍ରିଟିଶ ସରକାର ବ୍ୟବହାର କରିଥିଲେ ତାକୁ ବିଖଣ୍ଡିତ କରି ରଖିବାରେ, ଯେଉଁଠି ନ ଥିଲା ସାମାନ୍ୟତମ ମୌଳିକ ବ୍ୟବସ୍ଥା ଗମନାଗମନ ବା ସଂଚାରର, ଯାହାର ଲୋକଙ୍କର ଅର୍ଥନୈତିକ ତଥା ମାନସିକ ଦୁର୍ବଳତା ବ୍ରିଟିଶ ସାମ୍ରାଜ୍ୟର ବିଭବ ସମ୍ମୁଖରେ ଥିଲା ତୁଚ୍ଛ, ନଗଣ୍ୟ, ତାକୁ ଶ୍ମଶାନରୁ ଉଠାଇ ବିଜୟର ଟୀକା ପିନ୍ଧାଇବାର ଅଲୌକିକ କ୍ଷମତା ଥିଲା ସେହି ଅର୍ଦ୍ଧ ଉଲଗ୍ନ ଫକିରଙ୍କର ଯାହାଙ୍କର ରଣକୌଶଳ ବୁଝିବାରେ ବ୍ରିଟିଶ ଶକ୍ତି ଥିଲା ଅକ୍ଷମ । ଆଜି କେତେକ ଅଳ୍ପଶିକ୍ଷିତ ବ୍ୟକ୍ତି ନାଥୁରାମ ଗଡ୍‌ସେଙ୍କୁ ଏକ ଶହୀଦର ରୂପ ଦେବା ପାଇଁ କୁତ୍ସିତ ପ୍ରୟାସ କରୁଛନ୍ତି । ସେମାନେ ଭୁଲି ଯାଉଛନ୍ତି ଯେ, ମହାତ୍ମା ଯେଉଁ ଆନ୍ଦୋଳନ କରିଥିଲେ ତାହା ଥିଲା ଏକ ଆତ୍ମବିଶ୍ୱାସର ଯୁଦ୍ଧ, ଯାହାକୁକି ବୁଲେଟ ବା ଲାଠିରେ ଦମନ କରାଯାଇପାରିବ ନାହିଁ । ହିଂସାଠାରୁ ଅହିଂସା ଯେ କେତେ ସହସ୍ର ଗୁଣରେ ପରାକ୍ରମୀ ତାହା ଭାରତବାସୀ ସମଗ୍ର ବିଶ୍ୱକୁ କରି ଦେଖାଇଦେଲେ ତାଙ୍କରି ଡାକରାରେ । ଅନେକ ଦେଶରେ ଯେଉଁ ନେତାମାନେ ସ୍ୱାଧୀନତା ଆଣି ଦେଇଥିଲେ ସେମାନେ କେଉଁଠି ନା କେଉଁଠି ନିଜକୁ କ୍ଷମତାସୀନ କରିବାକୁ ଇଚ୍ଛୁକ ଥିଲେ । ଆଉ କେଉଁଠି ସେମାନେ ନିଜ ପରିବାରର ବ୍ୟକ୍ତିଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବେ ଘୋଷିତ କରିଥିଲେ । ମୋହନ ଦାସ କେବେ ନିଜକୁ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ କରିବା ପାଇଁ ଇଚ୍ଛା ପ୍ରକଟ କରିନାହାନ୍ତି, କସ୍ତୁରବା ବା ତାଙ୍କର ଅନେକ ସନ୍ତାନଙ୍କ ମଧ୍ୟରୁ କାହାରିକୁ କୌଣସି ବି ପଦବୀରେ ଅଧିଷ୍ଠିତ କରି ନାହାନ୍ତି । ନିଜ ପାଇଁ ଇଞ୍ଚେ ଜମି ରଖି ନାହାନ୍ତି । ସେଥିପାଇଁ ସେ ଥିଲେ ମହାତ୍ମା । ତାଙ୍କରି ଉଦାହରଣରେ ବଶୀଭୂତ ଅନେକ ବ୍ୟକ୍ତି ତାଙ୍କ ଭଳି ତ୍ୟାଗକୁ ଜୀବନର ବ୍ରତ ଭାବରେ ଗ୍ରହଣ କରି ନେଇଥିଲେ । ତାଙ୍କରି ଶୈଳୀ ତାଙ୍କର ଜୀବନ କାଳରେ ଓ ପରବର୍ତ୍ତୀ ସମୟରେ ଅନେକ ବର୍ଷ ଧରି ରାଜନୀତିକୁ ଏକ ନିଜସ୍ୱ ସଂଜ୍ଞା ଦେଇଥିଲା, "ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା"ର ରାଜନୀତି । ଜନପ୍ରତିନିଧି ଜନତାଙ୍କ ସେବକ, ଏହା ଥିଲା ମହାତ୍ମାଙ୍କ ରାଜନୀତିକୁ ଅବଦାନ । ଦୁଃଖର କଥା ଆଜି ମହାତ୍ମାଙ୍କ ପରିକଳ୍ପନାର ରାଜନୀତି କେବଳ କୁର୍ତ୍ତା ପାଇଜାମାରେ ସୀମିତ ହୋଇ ଯାଇଛି, କର୍ପୁର ଉଡ଼ିଯାଇଛି ।

ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ସମଗ୍ର ବିଶ୍ୱର ସମୁଦାୟ ଉତ୍ପାଦନର ଏକ ଚତୁର୍ଥାଂଶ ଭାରତରେ ହିଁ ହେଉଥିଲା । ଯେତେବେଳେ ଭାରତ ସ୍ୱାଧୀନ ହେଲା ତାହା ଖସି ଆସି ୪%ରେ ପହଞ୍ଚିଲା । ଆଜି କିଛି ସମାଲୋଚକ କୁହନ୍ତି ଯେ, ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ନେହରୁ ଭାରତକୁ ଭୁଲ ବାଟରେ ନେଇଗଲେ । ପ୍ରଥମରୁ ମୁକ୍ତ ଅର୍ଥନୀତିକୁ ଗ୍ରହଣ କରିଥିଲେ ଆମେ ବର୍ତ୍ତମାନ ଏକ ବିକଶିତ ଦେଶରେ ପରିଣତ ହୋଇ ସାରନ୍ତେଣି । ସେମାନେ ଭୁଲି ଯାଉଛନ୍ତି ୧୯୪୭ ମସିହାରେ ଭାରତର ଅବସ୍ଥା କ'ଣ ଥିଲା ? ଭାରତ ସ୍ୱାଧୀନ ହେଲା ବେଳକୁ ୮୨% ବ୍ୟକ୍ତି ନିରକ୍ଷର ଥିଲେ । ମୃତ୍ୟୁ ସମୟରେ ଭାରତୀୟ ମାନଙ୍କର ହାରାହାରି ବୟସ ଥିଲା ୩୨ ବର୍ଷ । ଗରିବ ଲୋକମାନେ ଦିନକୁ ଦୁଇ ଥର ଖାଇବାକୁ ପାଉ ନ ଥିଲେ । ଏଭଳି ଏକ ଦୟନୀୟ ପୃଷ୍ଠଭୂମିରେ ସ୍ୱାଧୀନ ଭାରତର ଏକ ବିଶାଳ ସମସ୍ୟା ଉଭା ହେଲା, ତାହା ହେଲା ସାମ୍ପ୍ରଦାୟିକ ସମସ୍ୟା । ହଜାର ହଜାର ହିନ୍ଦୁ ପାକିସ୍ତାନରୁ ନିର୍ଯାତିତ ହୋଇ ଭାରତକୁ ଫେରି ଆସିଲେ । ହଜାର ହଜାର ମୁସଲମାନ ନିର୍ଯ୍ୟାତିତ ହୋଇ ପାକିସ୍ତାନକୁ ଚାଲିଗଲେ । ଶରଣାର୍ଥୀମାନଙ୍କର ଥଇଥାନ ଥିଲା ସରକାରଙ୍କର ପ୍ରାଥମିକ ଦାୟିତ୍ୱ । ପ୍ରତିରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀଯ ଜଳ, ବିଦ୍ୟୁତ – ସବୁଥିରେ ଭାରତ ଥିଲା ଏକ ପଛୁଆ ଦେଶ । ସେ ସମୟରେ ଭାରତ ସମ୍ମୁଖରେ କ'ଣ ପନ୍ଥା ଥିଲା ?

ସେ ସମୟର ଇତିହାସ କୁ ଅନୁଧ୍ୟାନ କଲେ ଆମେ ଦେଖୁ ଯେ ଭାରତ ସ୍ୱାଧୀନ ହେବାର ମାତ୍ର ଦୁଇ ଦଶନ୍ଧି ପୂର୍ବରୁ ସମଗ୍ର ୟୁରୋପର ଅର୍ଥନୀତି ବିଧ୍ୱସ୍ତ ହୋଇଯାଇଥିଲା । ବଜାର ଅର୍ଥନୀତିର ଅତ୍ୟଧିକ ଲୋଭପ୍ରବଣତା ଯୋଗୁଁ ଲକ୍ଷ ଲକ୍ଷ ବ୍ୟକ୍ତି ତାଙ୍କର ସମସ୍ତ ପୁଞ୍ଜି ହରାଇଥିଲେ । ଦରଦାମ ଆଶାତୀତ ଭାବରେ ବୃଦ୍ଧି ପାଇଲା । ଚାକିରି ଉଭାନ ହୋଇଗଲା । ସେ ସମୟରେ ବିଶ୍ୱରେ କେବଳ ଗୋଟିଏ ଦେଶ ଏଇ ଅର୍ଥନୈତିକ ବିପର୍ଯ୍ୟୟକୁ ଏଡ଼ାଇ ପାରିଥିଲା । ତାହା ହେଉଛି ସୋଭିଏତ ରଷିଆ । ତାହା ସମ୍ଭବ ହୋଇଥିଲା କେବଳ ତାହାର ପଞ୍ଚ ବାର୍ଷିକ ଯୋଜନା ଦ୍ୱାରା । ନେହରୁ ସୋଭିଏତ ରଷିଆର ଅର୍ଥନୀତିକୁ ଅବଲମ୍ବନ କରି ଭାରତରେ ମଧ୍ୟ ପଞ୍ଚ ବାର୍ଷିକ ଯୋଜନା ଆରମ୍ଭ କଲେ । ଏହାର ଫଳସ୍ୱରୂପ ଭାରତର ଭିତ୍ତିଭୂମି ଗଠନ ଆରମ୍ଭ ହେଲା । ହୀରାକୁଦ, ଭାକରା-ନଙ୍ଗଲ ଭଳି ବୃହତ ନଦୀବନ୍ଧ ଯୋଜନା ଦ୍ୱାରା ଲକ୍ଷ ଲକ୍ଷ ହେକ୍ଟର ଜମି ଜଳସେଚିତ ହେବାର ବ୍ୟବସ୍ଥା କରାଗଲା । ରାସ୍ତା, ରେଳପଥ ନିର୍ମାଣ କରାଗଲା । ପାନୀୟ ଜଳ ବ୍ୟବସ୍ଥା କରାଗଲା, ବିଦ୍ୟୁତ ଉତ୍ପାଦନ ପାଇଁ କାରଖାନାମାନ ଗଢ଼ି ଉଠିଲା । ସ୍କୁଲ, କଲେଜ, ଗବେଷଣା ଅନୁଷ୍ଠାନ ଗଢ଼ି ଉଠିଲା । ଏଗୁଡ଼ିକରେ ସଫଳତା ଆଶାନୁରୂପ ନ ହୋଇପାରେ କିନ୍ତୁ ପ୍ରୟାସର ଅଭାବ ନ ଥିଲା । ସମୟକ୍ରମେ ଯୋଜନା ପ୍ରଣୟନ ଓ ତାହାର କାର୍ଯ୍ୟକ୍ଷମ କରିବା ପାଇଁ ଏକ ବିଶାଳ ଅମଲାତନ୍ତ୍ର ଗଢ଼ି ଉଠିଲା ଯାହାକି ସ୍ଥାଣୁ ଓ ଦୁର୍ନୀତିଗ୍ରସ୍ତ ହୋଇଗଲା । ସୋଭିଏତ ରଷିଆରେ ମଧ୍ୟ ଅନୁରୂପ ଅଭିଯୋଗ ଆସେ ।

କିନ୍ତୁ ଗୋଟିଏ ଦିଗକୁ ଅଣଦେଖା କରିହେବ ନାହିଁ।

## ସ୍ୱାଧୀନତା ଦିବସ ଏକ ଶ୍ରଦ୍ଧାଞ୍ଜଳି

ଭାରତର ସମସାମୟିକ ସ୍ୱାଧୀନ ରାଷ୍ଟ୍ରମାନେ ଅତି ଅଳ୍ପ ଦିନରେ ଗଣତନ୍ତ୍ରକୁ ପରିତ୍ୟାଗ କରି ଏକଛତ୍ରବାଦକୁ ଆପଣେଇ ନେଇଥିଲେ । ଭାରତ ଥିଲା ତାହାର ବ୍ୟତିକ୍ରମ । ସେଥିପାଇଁ ଆଜି ଭାରତ ଅର୍ଥନୀତିରେ ଚୀନ ଭଳି ବିକଶିତ ହୋଇ ନପାରେ, କିନ୍ତୁ ଆମେ ଗର୍ବରେ କହୁଛେ ଯେ, ଆମେ ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ଦେଶ । ମହାତ୍ମାଙ୍କ ମୂଲ୍ୟବୋଧ ରାଜନୀତିକୁ ଆମେ ପ୍ରାୟତଃ ପରିହାର କରି ଦେଇଛୁ । ଅର୍ଥବଳ, ବାହୁବଳ ଓ ଶାସନକଳର ଅପପ୍ରୟୋଗ କରି ଆମେ ଗଣତନ୍ତ୍ରକୁ ଅନ୍ତଃସାରଶୂନ୍ୟ କରି ଦେଇଥାଇପାରୁ । କିନ୍ତୁ ଆଜି ବି ଯଦି ଜଣେ ନେତା ଏକଛତ୍ରବାଦ ଆଡ଼କୁ ଦେଶକୁ ଟାଣି ନିଏ, ଜନସାଧାରଣଙ୍କ ସେତିକି ଶକ୍ତି ଅଛି ଯେ, ସେମାନେ ତାକୁ ରାଜରାସ୍ତାରେ ଫୋପାଡ଼ି ଦେଇ ପାରିବେ । ବାରମ୍ବାର ଜନସାଧାରଣ ତାହା କରି ଦେଖାଇଛନ୍ତି ଓ ତାହା ହିଁ ଆମ ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଭାରତର ପ୍ରସିଦ୍ଧି । ସେଥିପାଇଁ ଆଜି ଆମେ ଗର୍ବର ସହ କହୁ, ଭାରତର ପ୍ରକୃତ ଶାସକ ହେଉଛନ୍ତି, 'We the People of India'.

ସାମାଜିକ ଗଣମାଧ୍ୟମକୁ ଦେଖିଲେ ଜଣାଯାଏ ଯେ,କେତେକ ତଥାକଥିତ ଶିକ୍ଷିତ ବ୍ୟକ୍ତି ଯୁକ୍ତି ରଖନ୍ତି ଯେ ଭାରତ ସ୍ୱାଧୀନ ହେବାର ପ୍ରଥମ ୫୦ରୁ ୬୦ ବର୍ଷ ପର୍ଯ୍ୟନ୍ତ କିଛି ଘଟି ନ ଥିଲା । ଯାହା କିଛି ବିକାଶ ଘଟିଛି ତାହା ଗତ ୧୫ ବର୍ଷ ରେ ହିଁ ଘଟିଛି । ଏହା ସମ୍ପୂର୍ଣ୍ଣ ଭାବରେ ଭ୍ରମାତ୍ମକ । ନେହରୁଙ୍କ ସମୟର ଭିତ୍ତିଭୂମି ବିକାଶ, ଲାଲବାହାଦୁର ଶାସ୍ତ୍ରୀଙ୍କ ସ୍ୱଳ୍ପ କାଳ ମଧ୍ୟରେ ସବୁଜ ବିପ୍ଳବର ବୀଜବପନ, ଇନ୍ଦିରା ଗାନ୍ଧୀଙ୍କ ଗରିବୀ ହଟାଓ କାର୍ଯ୍ୟକ୍ରମ, ରାଜୀବ ଗାନ୍ଧୀଙ୍କର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଅବଦାନ, ନରସିମହା ରାଓଙ୍କର ଯୁଗାନ୍ତକାରୀ ଉଦାରୀକରଣ, ମନମୋହନ ସିଂହଙ୍କର ଶିକ୍ଷା ଓ ଶ୍ରମ ଅଧିକାର ପ୍ରତି ପ୍ରତିବଦ୍ଧତା, ବାଜପେୟୀ ଙ୍କର ଗ୍ରାମସଡକ ଯୋଜନା ଓ ପରମାଣୁବିଦ୍ୟାର ପ୍ରଗତି – ଏ ସମସ୍ତ ଆମ ଦେଶକୁ ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ କରିଛି । ଆଜିର ଦିନରେ ଆମେ ସେ ସମସ୍ତ ରାଷ୍ଟ୍ରନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ।

ଆମ ସଭ୍ୟତା ଦଶ ହଜାର ବର୍ଷର ସଭ୍ୟତା । ଏଠାରେ ହୀନମନ୍ୟତାର ସ୍ଥାନ ନାହିଁ, ସଂକୀର୍ଣ୍ଣତାର ସ୍ଥାନ ନାହିଁ, ବିଦ୍ୱେଷର ସ୍ଥାନ ନାହିଁ । ଆସନ୍ତୁ ଆମେ ସମସ୍ତେ ଗର୍ବରେ କହିବା, "ଆମେ ଭାରତୀୟ" ।

**ବନ୍ଦେ ମାତରମ୍**

ପୋଲିସ ସେବା ପୁରସ୍କାର-୨୦୨୬

ସ୍ୱାଧୀନତା ଦିବସରେ ଗୃହ ମନ୍ତ୍ରାଳୟର ବଡ଼ ଘୋଷଣା

# ଓଡ଼ିଶା ପୋଲିସକୁ ପୁରସ୍କାର



ଭୁବନେଶ୍ୱର, ୧୫/୦୮ (ଜେଏନ୍‌ଏସ୍) : ସ୍ୱାଧୀନତା ଦିବସ ୨୦୨୬ ଅବସରରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ପ୍ରତିଷ୍ଠିତ ପୋଲିସ ସେବା ପୁରସ୍କାର ଘୋଷଣା କରାଯାଇଛି । ଚଳିତ ବର୍ଷ ସମଗ୍ର ଦେଶରୁ ମୋଟ ୧,୦୫୭ ଜଣ ସୁରକ୍ଷା କର୍ମୀଙ୍କୁ ପଦକ ପ୍ରଦାନ କରାଯାଉଥିବା ବେଳେ ଓଡ଼ିଶାରୁ ମୋଟ ୧୭ ଜଣ ପୋଲିସ କର୍ମଚାରୀ ଏହି ସମ୍ମାନଜନକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ୨୦୨୬ ମସିହାରେ ଓଡ଼ିଶା ପୋଲିସର ଅନେକ ବରିଷ୍ଠ ଏବଂ ନିଷ୍ଠାପର ଅଧିକାରୀଙ୍କୁ ସେମାନଙ୍କର ଅସାଧାରଣ ସେବା ଓ ସାହସିକତା ପାଇଁ ସମ୍ମାନଜନକ ପୋଲିସ ସେବା ପୁରସ୍କାର ପ୍ରଦାନ କରାଯାଇଛି । ଏହି ବର୍ଷ ଓଡ଼ିଶା ପୋଲିସ ପାଇଁ ଅନେକ ଗୌରବମୟ ସଫଳତା ଆସିଛି ।

ଓଡ଼ିଶା ପୋଲିସ ବାହିନୀକୁ ତା'ର ଦୀର୍ଘ ଦଶନ୍ଧିର ସାହସିକତା, ଜନସେବା ଏବଂ ନକ୍ସଲ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଦେଶର ସର୍ବୋଚ୍ଚ ପ୍ରାତିଷ୍ଠାନିକ ସମ୍ମାନ "ରାଷ୍ଟ୍ରପତିଙ୍କ ପୋଲିସ କଲର୍ସ ଆୱାର୍ଡ଼" ରେ ସମ୍ମାନିତ କରାଯାଇଛି । ଏହା ଓଡ଼ିଶା ପୋଲିସର ୯୦ତମ/୯୧ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରଦାନ କରାଯାଇଛି । ରାଜ୍ୟରୁ ମାଓବାଦୀ ଦମନ ଏବଂ ସାହସିକ କାର୍ଯ୍ୟ ପାଇଁ ଓଡ଼ିଶାର ପ୍ରମୁଖ ପୋଲିସ କର୍ମଚାରୀଙ୍କୁ ସାହସିକତା ପଦକ ମିଳିଛି । ସେମାନେ ହେଲେ ଅତୁଲ କ୍ରିଷ୍ଣା ଦାସ (ଡିଏସ୍‌ପି),ପୂର୍ଣ୍ଣଚନ୍ଦ୍ର ପ୍ରଧାନ (ଏଏସ୍‌ଆଇ),ଘନଶ୍ୟାମ ସାହୁ (କନଷ୍ଟେବଲ) ଏବଂ ଥବିର ମାଝୀ (କନଷ୍ଟେବଲ) । ରାଜ୍ୟପାଳ ହରିବାବୁ କୁମ୍ଭମ୍‌ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଲୋକସେବା ଭବନଠାରେ ଓଡ଼ିଶାର ୨୦ ଜଣ ପୋଲିସ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରମୁଖ ହେଲେ କ୍ୟାଟେଗୋରୀ-୧ ଆଇପିଏସ୍ ଅଫିସର ନୀତି ଶେଖର ଏବଂ ସତ୍ୟଜିତ ନାୟକ, କ୍ୟାଟେଗୋରୀ-୨ ପୁରୀ ଏସପି ପ୍ରତୀକ ସିଂହ ଏବଂ ଅନୁପମା ମହାପାତ୍ର ଏବଂ କ୍ୟାଟେଗୋରୀ-୩ ଓ ୪ ସଚ୍ଚିଦାନନ୍ଦ ରଥ, ପ୍ରସନ୍ନ କୁମାର ରାଉତ, କରୁଣାକର ରାଉତ, ଅନସୂୟା ସେନାପତି ଏବଂ ରାକେଶ ପ୍ରସାଦ ଜେନା । ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ବିଭିନ୍ନ

ପୃଷ୍ଠା-୭

- ୧୭ ଜଣଙ୍କୁ ସମ୍ମାନଜନକ ପୁରସ୍କାର
- ୫ ଜଣ ସାହସୀଙ୍କୁ ମିଳିବ ଗ୍ୟାଲେଣ୍ଟ୍ରି ଆୱାର୍ଡ
- ରାଷ୍ଟ୍ରପତି ପଦକ ପାଇବେ ସଞ୍ଜିବ ପଣ୍ଡା
- ଦେଶର ୧୦୫୭ ସୁରକ୍ଷା କର୍ମୀଙ୍କୁ ପୋଲିସ ସେବା ପଦକ




## ସଞ୍ଜୀବ ପଣ୍ଡାଙ୍କୁ ରାଷ୍ଟ୍ରପତି ପଦକ

ଭୁବନେଶ୍ୱର, ୧୫/୦୮ (ଜେଏନ୍‌ଏସ୍) : ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ତାଙ୍କର ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୂର୍ବରୁ ସମ୍ମାନଜନକ 'ରାଷ୍ଟ୍ରପତି ପୋଲିସ ପଦକ' ହାସଲ କରିସାରିଛନ୍ତି । ଏହା ସହିତ ସେ ବିଶିଷ୍ଟ ସେବା ପାଇଁ 'ସେବା ପଦକ'ରେ ମଧ୍ୟ ସମ୍ମାନିତ ହୋଇଛନ୍ତି । ଓଡ଼ିଶା ସରକାର ନିକଟରେ ଅଗଷ୍ଟ ୨୦୨୬ରେ ଏଡିଜି ପାହ୍ୟାରେ ଥିବା ସଞ୍ଜୀବ ପଣ୍ଡାଙ୍କୁ ପୋଲିସ ମହାନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପଦୋନ୍ନତି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ସେ ଓଡ଼ିଶା ପୋଲିସର ଆଣ୍ଟି-ନକ୍ସଲ ଅପରେସନ୍ସ ଏବଂ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ରାଜ୍ୟରୁ ମାଓବାଦୀ ସମସ୍ୟା ଦୂର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି । ସେ ନିଜର ଦୀର୍ଘ ୩୦ ବର୍ଷରୁ ଅଧିକ କାର୍ଯ୍ୟକାଳ ମଧ୍ୟରେ ଭୁବନେଶ୍ୱର-କଟକର ପୋଲିସ କମିଶନର, କ୍ରାଇମବ୍ରାଞ୍ଚ ଏଡିଜି, ଏବଂ ଗୋଇନ୍ଦା ନିର୍ଦ୍ଦେଶକ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି ।


# ଆମେରିକାରେ ଅଦିନିଆ ରଥଯାତ୍ରାକୁ ବିରୋଧ



ଭୁବନେଶ୍ୱର, ୧୫/୦୮ (ଜେଏନ୍‌ଏସ୍) : ଆମେରିକାରେ ଇସ୍କନ ପକ୍ଷରୁ ଶାସ୍ତ୍ରୀୟ ତିଥି ବାହାରେ ଆୟୋଜନ କରାଯାଉଥିବା ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରାକୁ ନେଇ ପ୍ରବାସୀ ଓଡ଼ିଆ ସଂଗଠନ ଏବଂ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ବିବାଦକୁ ରୋକିବା ପାଇଁ ପ୍ରବାସୀ ଓଡ଼ିଆମାନେ ଭାରତର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ଓଡ଼ିଶା ସରକାର ଏବଂ ପଶ୍ଚିମବଙ୍ଗ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । କାଲିଫର୍ଣ୍ଣିଆର ସାନ୍ ଫ୍ରାନ୍ସିସ୍କୋ ସ୍ଥିତ ଗୋଲ୍ଡେନ ଗେଟ୍ ପାର୍କରେ ଆସନ୍ତା ଅଗଷ୍ଟ ୨୩, ୨୦୨୬ରେ ଇସ୍କନ ପକ୍ଷରଙ୍କ ଭକ୍ତ ସ୍ୱୟର ସ୍ୱରଯ ରଥଯାତ୍ରା ଆୟୋଜନ କରିବାକୁ ନେଇ ପ୍ରତିବାଦ ତେଜିଛି । ଏହା ପୂର୍ବରୁ ଅଗଷ୍ଟ ୯ ତାରିଖରେ ଇସ୍କନ ବର୍କଲି ପକ୍ଷରୁ ସ୍ନାନଯାତ୍ରା ଆୟୋଜନ କରାଯାଇଥିଲା, ଯାହାକୁ ସ୍ଥାନୀୟ ଜଗନ୍ନାଥ କଲଚରାଲ ଆଣ୍ଡ ଏଜୁକେସନାଲ ସେଣ୍ଟର ପକ୍ଷରୁ ଦୃଢ଼ ବିରୋଧ କରାଯାଇଥିଲା । ଇସ୍କନ ପକ୍ଷରୁ ନିକଟରେ ଆମେରିକାର ଅନ୍ୟ ସହରଗୁଡ଼ିକରେ ମଧ୍ୟ ଶାସ୍ତ୍ର ବିରୋଧୀ ତିଥିରେ

ପୃଷ୍ଠା-୭

## ୧୩ ଜିଲ୍ଲାକୁ ବର୍ଷା ଆଶଙ୍କା



ଭୁବନେଶ୍ୱର, ୧୫/୦୮ (ଜେଏନ୍‌ଏସ୍) : ବଙ୍ଗୋପସାଗରରେ ସକ୍ରିୟ ଥିବା ଅବପାତ ଏବଂ ଲଘୁଚାପ ପ୍ରଭାବରେ ଓଡ଼ିଶାର ୧୩ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଉତ୍ତର ଏବଂ ପଶ୍ଚିମ ଓଡ଼ିଶାରେ ଲଗାତାର ବର୍ଷା ଯୋଗୁଁ କେତେକ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ମୁଖ୍ୟତଃ ୟେଲୋ ଓ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ୧୩ଟି ଜିଲ୍ଲା ହେଉଛି । ଉତ୍ତର ଓ ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼,କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା,ସମ୍ବଲପୁର, ବରଗଡ଼ ଏବଂ ଦେବଗଡ଼ । ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶା: କୋରାପୁଟ । କ୍ରମାଗତ ବର୍ଷା ଯୋଗୁଁ ମୟୂରଭଞ୍ଜର ବୁଢ଼ାବଳଙ୍ଗ ଏବଂ ବାଲେଶ୍ୱରର ଜଲାକା ନଦୀର ଜଳସ୍ତର ବୃଦ୍ଧି ପାଇଛି, ଯାହାଦ୍ୱାରା ତଳିଆ ଅଞ୍ଚଳରେ

ପୃଷ୍ଠା-୭

## ଦୁର୍ନୀତି ଅଭିଯୋଗରେ ଓଏଏସ୍ ଅଧିକାରୀ ନିଲମ୍ବିତ



ଝାରସୁଗୁଡ଼ା, ୧୫/୦୮ (ଜେଏନ୍‌ଏସ୍) : ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମଧୁସ୍ମିତା ସିଂହଙ୍କୁ ସରକାରୀ ପାଣ୍ଠି ହେରଫେର ଓ ଦୁର୍ନୀତି ଅଭିଯୋଗରେ ରାଜ୍ୟ ସରକାର ଚାକିରିରୁ ନିଲମ୍ବିତ କରିଛନ୍ତି । ତାଙ୍କ ବିରୋଧରେ କୋଟି କୋଟି ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗ ଆସିବା ପରେ ଏହି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ନିଲମ୍ବନ ସମୟରେ ସେ ମୟୂରଭଞ୍ଜ ଜିଲ୍ଲାର ଜାମଦା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ । ବେଲପାହାଡ଼ ପୌରପାଳିକାରେ ଥିବା ସମୟରେ ପ୍ରାୟ ୪ କୋଟି ଟଙ୍କାର ସରକାରୀ ଅନୁଦାନ ଅପବ୍ୟବହାର ଓ ହେରଫେର କରିଥିବା ଅଭିଯୋଗ ହୋଇଛି । ରାସ୍ତା ଓ ନାଳ ନିର୍ମାଣ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ନିୟମ ବାହାରକୁ ଯାଇ ସହର ସୌନ୍ଦର୍ଯ୍ୟକରଣ

ପୃଷ୍ଠା-୭

# ବନ୍ୟା ପରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, ୧୫/୦୮ (ଜେଏନ୍‌ଏସ୍) : ଓଡ଼ିଶାରେ ଲଗାତାର ବର୍ଷା ଏବଂ ବନ୍ୟା ପରବର୍ତ୍ତୀ ସ୍ଥିତି ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତିର ପ୍ରକୋପ ବଢ଼ିବାରେ ଲାଗିଛି । ଦୂଷିତ ଜଳ ଏବଂ ସାମୁଦ୍ରିକ କିମ୍ବା ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଅନେକ ଲୋକ ଆକ୍ରାନ୍ତ ହେଉଥିବା ଖବର ସାମ୍ନାକୁ ଆସୁଛି । ବାଙ୍କୀ ବ୍ଲକର କାଳିପୋଇ ପଞ୍ଚାୟତ କରଡ଼ାପଲ୍ଲୀ ଗ୍ରାମରେ ଦୂଷିତ ପାନୀୟ ଜଳ ଯୋଗୁଁ ହଠାତ୍ ୫୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ବନ୍ୟା ଜଳ ଛାଡ଼ିବା ପରେ ଏହି ସ୍ଥିତି ଅଧିକ ଗମ୍ଭୀର ହୋଇଛି । ଏକ ପ୍ରତିଷ୍ଠା ଭୋଜି ଖାଇବା ପରେ ଜଳେଶ୍ୱର ଅଞ୍ଚଳରେ ପ୍ରାୟ ୧୦୨ରୁ ଅଧିକ ଲୋକ ଆକ୍ରାନ୍ତ ହୋଇ ଜିକେ ଭଟ୍ଟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଆଳି ବ୍ଲକର ବିଭିନ୍ନ ଗ୍ରାମରେ ପ୍ରାୟ ୪୪ରୁ ଅଧିକ ଲୋକ ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ୍ ଯୋଗୁଁ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ସ୍ପେଶାଲ୍ ଗାଇଡ୍‌ଲାଇନ ଜାରି କରାଯାଇଛି । ବନ୍ୟା ପାଣି ବୁଡ଼ି ରହିଥିବା ନଳକୂପ ବା କୂଅର ପାଣିକୁ ସମ୍ପୂର୍ଣ୍ଣ ବିଶୋଧନ ନକରି ବ୍ୟବହାର ନକରିବାକୁ କୁହାଯାଇଛି । ପ୍ରଭାବିତ ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ଓଆର୍‌ଏସ୍, ହାଲୋଜେନ୍ ଟାବଲେଟ୍ ଏବଂ ଜୀବନ ରକ୍ଷାକାରୀ ଔଷଧ ବଣ୍ଟନ କରାଯାଉଛି । ପାଣିକୁ ଅତିକମରେ ୩୦ ମିନିଟ୍ ଫୁଟାଇ ଥଣ୍ଡା କରି ପିଅନ୍ତୁ କିମ୍ବା ହାଲୋଜେନ୍ ବଟିକା ବ୍ୟବହାର କରନ୍ତୁ । ଖାଇବା ପୂର୍ବରୁ ଏବଂ ଶୌଚାଳୟ ବ୍ୟବହାର ପରେ ସାବୁନରେ ଭଲଭାବେ ହାତ ଧୁଅନ୍ତୁ । ବାସି କିମ୍ବା ଖୋଲା ଜାଗାରେ ବିକ୍ରି ହେଉଥିବା ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ । ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବନ୍ୟା ପ୍ରଭାବିତ ଅଂଚଳରେ ଲୋକମାନେ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



## ୪ ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର

- ଜନଜୀବନ ଓ ଯୋଗାଯୋଗ ବିଚ୍ଛିନ୍ନ
- ନଦୀଗୁଡ଼ିକରେ ବଢୁଛି ଜଳସ୍ତର
- କେନ୍ଦୁଝରରେ ଜାତୀୟ ରାଜପଥରେ ବନ୍ୟା ପାଣି

ଭୁବନେଶ୍ୱର, ୧୫/୦୮ (ଜେଏନ୍‌ଏସ୍) : ଓଡ଼ିଶାରେ ଲଗାଣ ବର୍ଷା ଯୋଗୁଁ ୪ଟି ପ୍ରମୁଖ ଜିଲ୍ଲା ଯଥା ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ଉତ୍ତର ଓଡ଼ିଶାର ଏହି ଜିଲ୍ଲାଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଓଡ଼ିଶାର ୪ ଜିଲ୍ଲାରେ ବନ୍ୟା ବିପତ୍ତି ସଙ୍ଗିନ ହେଉଛି ସ୍ଥିତି । ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଆଦି ୪ ଜିଲ୍ଲା ଜଳମଗ୍ନ ହୋଇଥିବା ବେଳେ ଆଗାମୀ ୪ ଦିନ ପାଇଁ ପ୍ରବଳ ବର୍ଷା ସମ୍ଭାବନା ରହିଥିବା

ପୃଷ୍ଠା-୭

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ମଣିନାଥପୁର ଶ୍ମଶାନ ପାଲଟିଛି ଶବ ଚୋରଙ୍କ ଆଡ଼ାସ୍ଥଳୀ

# ଶ୍ମଶାନରୁ ଶବଚୋରି ପୋଲିସ ପାରୁନି ଧରି

ଭଦ୍ରକ, ୧୫/୮ (ଜେଏନ୍ଏସ୍) : ସମୟ ବଦଳିଛି, ଅପରାଧିମାନଙ୍କ ଅଭିନବ ଚୋରି ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟିତ କରିଛି। ଧନ ଚୋରି ନୁହେଁ ଶ୍ମଶାନରୁ ଶବ ଚୋରି ଘଟଣା ଯେତିକି ଚର୍ଚ୍ଚିତ ସେତିକି ଆଲୋଡ଼ିତ କରିଛି। ଏହି ଘଟଣାଟି ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ଗ୍ରାମ ଶ୍ମଶାନରୁ ଗତ ସୋମବାର ରାତ୍ରରେ ୨ଟି ଶବ ଚୋରି ହୋଇଥିବା ଜଣାଯାଇଛି। ବୈତରଣୀ ନଦୀ କୂଳରେ ଥିବା ଶ୍ମଶାନରେ ପୋତା ଯାଇଥିବା ଉକ୍ତ ଗ୍ରାମର ଗେହ୍ଲା ଦାସ ଓ ଶରତ ନାଥଙ୍କ ଶବ ଚୋରି ହୋଇଛି। ଅନ୍ୟ ଏକ ଶବକୁ ଚୋରି ଉଦ୍ୟାମ କରି ବିଫଳ ହୋଇଥିବା ଜଣାଯାଇଛି। ଗ୍ରାମ ଶ୍ମଶାନରୁ ଶବ ଚୋରି ଜଣାପଡିବା ପରେ ଏହା ଥିଲା ଷଷ୍ଠ ଥର ଶବ ଚୋରି। ଗତ ଫେବୃୟାରୀ ମାସରେ ଏକକାଳୀନ ୫ଟି ଶବ ଚୋରି ହୋଇଥିଲା। ଗ୍ରାମର ଖଗେଶ୍ୱର ସାମଲ, ହାଡବନ୍ଧୁ ବେଡରିଆ, କାର୍ତ୍ତିକ ନାୟକ, ସରସ୍ୱତୀ ବେହେରା ଓ କାଳନ୍ଦୀ ବେହେରାଙ୍କ ଶବ ଚୋରି ହୋଇଥିବା ଜଣାଯାଇଛି। ଗ୍ରାମ ଶ୍ମଶାନରୁ ଶବ ଚୋରି ହେବା ନୂଆ ନୁହେଁ। ୨୦୧୬ ମସିହାରେ ଶବ ଚୋରି ହୋଇଥିବା ସମ୍ପର୍କରେ ଗ୍ରାମବାସୀମାନେ ପ୍ରଥମେ ଅବଗତ ହୋଇଥିଲେ। ନଦୀର ବାଲି ଖାଲରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଶିଶୁର ଶବ ପୋତା ଯିବାର ଦୁଇମାସ ପରେ ଖୋଳି ନିଆଯାଇଥିଲା। ସେହିବର୍ଷ ଗ୍ରାମବାସୀ ଅନାମ ବେହେରାଙ୍କ ଶବ ପୋତାଗାତରୁ ଖୋଳି ନିଆଯାଇଥିଲା। ୨୦୧୭ ମସିହାରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବସନ୍ତ ଦାସ ଓ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ଶବକୁ ମଧ୍ୟ ଖୋଳି ନିଆଯାଇଥିବା ଜଣାପଡ଼ିଥିଲା। ୨୦୧୬ ଓ ୨୦୧୭ ବର୍ଷରେ ସଂସ୍କାର ପରେ ପୋତାଯାଇଥିବା ପ୍ରାୟ ଚାରିଟି ଶବ ଖୋଳି ନିଆଯାଇଥିବା ଗ୍ରାମବାସୀମାନେ ଚିହ୍ନଟ କରିଥିଲେ। ଗତ ଗତ ୨୦୨୩ ମସିହା ଜୁନ ୨୩ ତାରିଖ ରାତ୍ରରେ ଏକକାଳୀନ ୩ ଶବ ଗାଏବ ହୋଇ ଯାଇଥିବା ନେଇ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଥିଲେ। ସଦ୍ୟ ସଂସ୍କାର ହୋଇଥିବା ୩ ଟି ଗାତରୁ ପୋତାଯାଇଥିବା ଶବ ନଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ତ୍‌ତକାଳୀନ ଜିଲ୍ଲା ପୁଲିସ ଅଧିକ୍ଷକ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେବା ପରେ ପୁଲିସ ଉପଖଣ୍ଡ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଗତ ୨୦୨୩ ମସିହା ଅପ୍ରେଲ ୨୪ ତାରିଖରେ ମୃତ୍ୟୁବରଣ କରିଥିବା ଗ୍ରାମର ଶ୍ରୀକାନ୍ତ ବେହେରା, ୩ ତାରିଖରେ ମୃତ୍ୟୁବରଣ କରିଥିବା ଅକ୍ଷୟ ବେହେରା ଓ ଅନନ୍ତ ନାଥଙ୍କ ଶବ ନଥିବା ଚିହ୍ନଟ ହୋଇଥିଲା। ଖୋଳାଯାଇଥିବା ୩ ଟି ଗାତ ନିକଟରୁ ସଂସ୍କାର ସମୟରେ ଶବର ପିନ୍ଧାବସ୍ତ୍ର ପଡିଥିଲା। ଏହାର ୨୨ ଦିନ ପୂର୍ବେ ମୃତ୍ୟୁବରଣ କରିଥିବା ଗ୍ରାମର ଅକ୍ଷୟ ଓ ଅନନ୍ତଙ୍କ ସଢାମାଂସ କଢାଯାଇ ପଡିଥିଲା। ୨୦୨୫ ଅପ୍ରେଲ ୧ ତାରିଖରେ ହୃଦଘାତରେ ମୃତ୍ୟୁବରଣ କରିଥିବା ଗ୍ରାମର ରୁକ୍ମଣୀ ସାମଲଙ୍କ ଦଶାହ ପାଳନ ପାଇଁ ମୁଖାଗ୍ନି ଦେଇଥିବା ପୁତ୍ର ଶବପୋତା ସ୍ଥାନକୁ ଆସି ଗାତ ଖୋଳାଯାଇ ଓ ଶବ ଚୋରି ହୋଇଥିବା ଦେଖିଥିଲେ। ସେଠାରେ ପାଣି ଓ ମଦ ବୋତଲ ପଡ଼ିଥିବା ପ୍ରାୟ ୨ଶହ ମିଟର ଘୋଷରା ଯାଇଥିବା ସ୍ଥାନରେ ପଚାମାଂସ ଓ ଅନ୍ତଃବସ୍ତ୍ର ପଡିଥିବା ଦେଖିଥିଲେ। ମୃତକଙ୍କ ସ୍ୱାମୀ ଶ୍ରୀମନ୍ତ ଥାନାରେ ଏଥିନେଇ ଅଭିଯୋଗ କରିଥିଲେ। ଏଥିନେଇ ଗ୍ରାମରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମର ବୈତରଣୀ ନଦୀ ପଠାରେ ଥିବା ସ୍ୱର୍ଗଦ୍ୱାର ଶ୍ମଶାନରେ ମୃତ୍ୟୁ ପରେ ସଂସ୍କାର କରାଯାଇ ଶବକୁ ପୋତି ଦିଆଯାଇଥାଏ। ଏହା ଗୁଣିଗାରେଡ଼ି ଅଥବା ବିଜ୍ଞାନ ପରୀକ୍ଷାଗାର କିମ୍ବା ଡାକ୍ତରୀ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଚୋରି କରାଯାଇ ଥାଇପାରେ ବୋଲି ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ବ୍ୟକ୍ତିବିଶେଷ ଏହି ଘଟଣାରେ ସଂପୃକ୍ତ ଥିବା ଓ ନିର୍ଦ୍ଦିଷ୍ଟ ସୂଚନା ଦେଇ ଶବ ଚୋରିରେ ସାମିଲ ଅଛନ୍ତି ବୋଲି ସନ୍ଦେହ କରାଯାଉଛି। ଏଭଳି କୁତ୍ସିତ ଚୋରିକୁ ରୋକା ଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏଥିନେଇ ଥାନାରେ ହେଉଥିବା ଅଭିଯୋଗ ପ୍ରତି ପୁଲିସ ଗୁରୁତ୍ୱ ଦେଇନାହିଁ। ଶବଚୋରି ଯାଇଥିବା ଗ୍ରାମର ସ୍ୱର୍ଗତ କାର୍ତ୍ତିକ ନାୟକଙ୍କ ପୁତ୍ର ବନ୍ଦନ ନାୟକଙ୍କ ଅଭିଯୋଗ ଆଧାରରେ ଥାନାରେ ୭୦/୨୬ନଂ ମାମଲା ଅଜଣା ବ୍ୟକ୍ତିଙ୍କ ନାମରେ ରୁଜୁ ହୋଇଥିଲା। ଖୋଦ୍ ଜିଲ୍ଲା ପୋଲିସ ଅଧିକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ଅପରାଧିଙ୍କୁ ଧରାଯିବ ବୋଲି ଦୃଢ଼ୋକ୍ତି କରିଥିଲେ। ଏଥି ପୂର୍ବରୁ ଗତ ୨୦୨୩ ମସିହା ଜୁନ ୨୨ ତାରିଖ ରାତ୍ରରେ ଶବ ଚୋରି ଯାଇଥିବା ମୃତ ଅକ୍ଷୟ ବେହେରାଙ୍କ ପୁତ୍ର ତପନ ବେହେରା ଥାନାରେ ଅଭିଯୋଗ କରିଥିଲେ। ତପନଙ୍କ ଅଭିଯୋଗ ଆଧାରରେ ଥାନାରେ ୧୮୮/୨୩ ନଂ ମାମଲା ରୁଜୁ ହୋଇଥିଲା। ତତ୍‌କାଳୀନ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ସରଜମିନ ତଦନ୍ତ କରିଥିଲେ। ହେଲେ ମାମଲା ଆଗକୁ ଯାଇ ପାରିନଥିଲା। ଗ୍ରାମବାସୀଙ୍କ ଜାଣିବାରେ ଏ ଯାବତ ୨୩ଟି ଶବ ଚୋରି ହୋଇଛି। ଗତ ୧୦ ବର୍ଷ ଧରି ଏଭଳି ଶବ ଚୋରି ପର୍ଯ୍ୟାୟ କ୍ରମେ ଚାଲିଥିବା ବେଳେ ଚୋରମାନଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଭବିଷ୍ୟତରେ ପୁର୍ନବାର ଶବ ଚୋରି ହେବା ସମ୍ଭାବନା ରହିଛି। ଏଥି ପୂର୍ବରୁ ପୁଲିସ ଚୋରମାନଙ୍କୁ ଗିରଫ କରୁ ବୋଲି ଗ୍ରାମବାସୀମାନେ ଦାବି କରିଛନ୍ତି।



## ବାଲିଅନ୍ତାରେ ପୁଣି ବର୍ବରତା

# ଯୁବକଙ୍କୁ ପିଟିପିଟି ସଂଘବଦ୍ଧ ହତ୍ୟା ଉଦ୍ୟମ

### ଥାନା ଘେରାଉ କଲେ ମହିଳା



ବାଲିଅନ୍ତା, ୧୫/୮ (ଜେଏନ୍ଏସ୍) : ପୁଣି ବାଲିଅନ୍ତାରେ ବର୍ବରତା। ସୌମ୍ୟଙ୍କ ଭିଡ଼ ହତ୍ୟା ଘଟଣା ତଦନ୍ତ ଏଯାଏଁ ଚାଲୁ ରହିଥିବା ବେଳେ ପୁଣି ଥରେ ଆଉ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ଥାନାକୁ ଘେରାଉ କରିଛନ୍ତି। ଷଡ଼ଙ୍ଗୀ ଗ୍ରାମର ଯୁବକଙ୍କୁ ପିଟିପିଟି ସଂଘବଦ୍ଧ ହତ୍ୟା ଉଦ୍ୟମରୁ ତାଡିଲେ ଲୋକେ। ଯୁବକଙ୍କ ଅବସ୍ଥା ଗୁରୁତର ଥିବା ସହ କୋମାରେ ରହି ଘରୋଇ ହସ୍ପିଟାଲରେ ତାଙ୍କ ଚିକିତ୍ସା କରାଯାଉଛି। ପୁଲିସର ଭୂମିକାରେ ଅସନ୍ତୁଷ୍ଟ ଷଡ଼ଙ୍ଗୀ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାସ୍ତାର ଦୁରାବସ୍ଥା : ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ

କୋରାପୁଟ , ୧୫/୮ (ଶରତ ନାୟକ): ରାସ୍ତାର ଦୁରାବସ୍ଥା କାରଣରୁ ଜଣେ ଗର୍ଭବତୀ ମହିଳାଙ୍କୁ ଷ୍ଟେଚରରେ ୩ କିଲୋମିଟର ଦୂର ବୋହି ନେବାଭଳି ଅଭାବନୀୟ ଘଟଣା କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅତଣ୍ଡା ପଞ୍ଚାୟତର ଶ୍ରିଗାମପୁଟ ଗାଁକୁ ସଂଯୋଗ ରାସ୍ତାର ଶୋଚନୀୟ ହୋଇପଡ଼ିଛି। ଯେଉଁଥିପାଇଁ ଗୁରୁବାର ସକାଳୁ ଏଠାରେ ଜନନୀଯନ୍ତ୍ରଣାର ଖବର ମିଳିଛି । ଗ୍ରାମର ଗର୍ଭବତୀ ମଣି ଖିଲ (୨୭)ଙ୍କୁ ଆଣିବାକୁ ଯାଇଥିବା ୧୦୮ ଆମ୍ବୁଲାନ୍ସ ଯାଇଥିଲା। ତେବେ ରାସ୍ତାର ଶୋଚନୀୟ ଅବସ୍ଥା କାରଣରୁ ଗାଁଠାରୁ ୩ କିମି ଦୂରରେ ଅଟକି ଯାଇଥିଲା। ୧୦୮ କର୍ମଚାରୀ ଚାଳକ ଗୋପାଳ କୃଷ୍ଣ ନାୟକ, ଫାର୍ମାସିଷ୍ଟ ରାହୁଲ ପାଙ୍ଗି, ସହାୟକ ଦୀପକ ପାତ୍ର ଗାଁକୁ ଚାଲି ଚାଲି ଯାଇଥିଲେ। ସେଠାରୁ ପରିବାର ଲୋକ ସ୍ୱାମୀ ଗଙ୍ଗାଧର ଦୋରା ଓ ଆଶାକର୍ମୀ ଇଚ୍ଛା ଖରାଙ୍କ ସହାୟତାରେ ଷ୍ଟ୍ରେଚରରେ ଗର୍ଭବତୀଙ୍କୁ ଶୁଆଇ ୩ କିମି ଦୂରରେ ଛିଡ଼ା ହୋଇଥିବା ଆମ୍ବୁଲାନ୍ସ ନିକଟକୁ ବୋହି କରି ଅଣାଯାଇଥିଲା । ସୁରକ୍ଷିତ ଭାବେ ଗର୍ଭବତୀଙ୍କୁ ଆଣି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚାଇ ଯାଇଥିଲା । ୧୦୮ କର୍ମଚାରୀଙ୍କ ଏଭଳି ମହନୀୟ ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି। ତେବେ ବର୍ଷା ଦିନରେ ନନ୍ଦପୁର ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ଗାଁ ଦୁରାବସ୍ଥା କାରଣ ରୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ବ୍ଲକ ଓ ଜିଲ୍ଲା ପ୍ରଶାସନ ଏଭଳି ଗ୍ରାମ ଗୁଡ଼ିକ ପ୍ରତି ଦୃଷ୍ଟି ଦେଇ ରାସ୍ତା ଗୁଡ଼ିକର ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।



# ପାରାଦ୍ୱୀପରେ ତ୍ରିରଙ୍ଗା ଶୋଭାଯାତ୍ରା



ପାରାଦ୍ୱୀପ, ୧୫/୦୮ (ପ୍ରଭାତ କୁମାର ଦଳାଇ ) : ପାରାଦ୍ୱୀପ ପୌରପାଳିକା ତରଫରୁ ଅନୁଷ୍ଠିତ ହୋଇଯାଇଛି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା । ଭାରତବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୯ ରୁ ୧୭ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଆଜି ପାରାଦ୍ୱିପ ରେ ଆୟୋଜିତ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେବା ସହିତ ଆମର ପୂର୍ବଜମାନଙ୍କ ବୀରତ୍ୱର ଗାଥା ଓ ଦେଶ ସ୍ୱାଧୀନ ହେବାରେ ସେମାନଙ୍କର ବଳିଦାନକୁ ମନେ ପକାଇବା ପାଇଁ ଆଜି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ନେଇ କହିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ପାରାଦ୍ୱିପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରା ରେ ଶିଳ୍ପମନ୍ତ୍ରୀ ଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦ୍ୱିପ ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ପାରିଷଦ ମାନଙ୍କ ସହିତ ପାରାଦ୍ୱିପ ର ବୁଦ୍ଧିଜୀବୀ, ସମସ୍ତ ସ୍କୁଲ କଲେଜ ର ଛାତ୍ରଛାତ୍ରୀ ଓ ପାରାଦ୍ୱିପ ଅନ୍ତେବାସୀ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବାରୁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ପାରାଦ୍ୱିପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ।

# ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କଲା ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ



ପୁରୀ, ୧୫/୦୮ (ଜେଏନ୍ଏସ୍) : ଆଜି ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ ଟ୍ରଷ୍ଟ ଓଡ଼ିଶାର ନିର୍ଦ୍ଦେଶିକା ପ୍ରିୟାଂଶୀ ଦାଶଙ୍କ ପ୍ରଚେଷ୍ଟାରେ ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ଲେଙ୍କା ଙ୍କ ଅଧକ୍ଷତାରେ ପୁରୀ ଜିଲ୍ଲା କଣାସ ବ୍ଲକ ଦୋକନ୍ଦା ଗ୍ରାମପଞ୍ଚାୟତ ର ବିଭିନ୍ନ ଗ୍ରାମ ଏବଂ ବହ୍ମଗିରି ନିର୍ବାଚନ ମଣ୍ଡଳୀର ପୁରୀ ସଦର ବ୍ଲକର କେରାଣ୍ଡି ପୁର ଗ୍ରାମପଞ୍ଚାୟତ ର ଉତ୍ତରଣା ମଠସାହି, ଗୌଡ଼ସାହି ଏବଂ ପୁରୀ ସଦର ଗୋପୀନାଥପୁର ଗ୍ରାମପଞ୍ଚାୟତର ନୁଆ ସାହି ଜେ ଟେପି ହରିଜନ ବସ୍ତୀ କଲୋନୀ ସହିତ ଖଣ୍ଡିଆବନ୍ଧ ର ଉପାନ୍ତ ଅଞ୍ଚଳ ର ଜଳ ପ୍ରଭାବିତ ମାନଙ୍କ ରେ ଚୁଡା, କଦଳୀ, ଚିନି, ବିସ୍କୁଟ, ମହମବତୀ ଦିଆସିଲ ବର୍ଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଶତପଥୀ ଉପଦେଷ୍ଟା ଚକ୍ରଧର ମହାପାତ୍ର ନିମାପଡା ର ସମାଜ ସେବୀ କା ତଥା ଅନୁଷ୍ଠାନର ସକ୍ରିୟ ସଦସ୍ୟ ସଦସ୍ୟା ମଧୁସ୍ମିତା ସାହୁ, ଦେବାଶିଷ ମହାପାତ୍ର, ଆଲୋକ ଦାସ, ସୁପ୍ରିୟା ପ୍ରଧାନ, ଶ୍ରଦ୍ଧାଞ୍ଜଳି ସିଂ ମୁଖ୍ୟ ସେବା କାରୀ ନିଳାଞ୍ଚଳ ଦାସ, ନିଲ୍ ମଧୁସ୍ମିତା ମହାନ୍ତି, ମନୋଜ ପ୍ରଧାନ ଅନୁଷ୍ଠାନର ବଦାନ୍ୟ ସଦସ୍ୟ ସଦସ୍ୟାଙ୍କ ଆର୍ଥିକ ସାହାଯ୍ୟରେ ପରିଶ୍ରମ ରେ ଆଜିର କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା ହୋଇ ପାରିଛି ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଶତପଥୀ ପରିଚାଳନା କରିଥିଲେ।

# ମଦମୁକ୍ତ ଓଡ଼ିଶା ଦାବିକରି ତ୍ରିରଙ୍ଗା ଯାତ୍ରା



ଭୁବନେଶ୍ୱର, ୧୫/୦୮ (ଜେଏନ୍ଏସ୍) : କ୍ଷମତାସୀନ ବିଜେପି ସରକାର ନିଜର ଦୁଇବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରୁଥିବା ବେଳେ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ଭୁଲିଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଜାରି କରାଯାଇଥିବା ସଙ୍କଳ୍ପ ପତ୍ରରେ ଓଡିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା କରିବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲା। ଓଡ଼ିଶାକୁ ମଦମୁକ୍ତ କରିବା ପରିବର୍ତ୍ତେ ଓଡ଼ିଶାରେ ବିଜେପି ସରକାର ମଦ ପ୍ରସାରଣ କାର୍ଯ୍ୟରେ ମାତିଛନ୍ତି। ଏହାର ପ୍ରତିବାଦ କରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ( ମୋନା) ତୁରନ୍ତ ରାଜ୍ୟ ସରକାର ନିଜର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ଓଡିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ ରାଜ୍ୟ ଘୋଷଣା କରିବା ପାଇଁ ସରକାରଙ୍କ ନିକଟରେ କ୍ରମାଗତ ଭାବେ ଦାବି କରିଆସୁଛି। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ପ୍ରତ୍ୟେହ ଅପରାହ୍ନ ୫ଟାରେ ଚାଲିଥିବା ଏହି ତ୍ରିରଙ୍ଗା ଯାତ୍ରା ଆଜି ୬୧ ଦିନରେ ପହଞ୍ଚିଥିବା ବେଳେ ମଦମୁକ୍ତ ଓଡିଶା ଦାବିକରି ଏହି ତ୍ରିରଙ୍ଗା ଯାତ୍ରା ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନର ପ୍ରଣେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀ ଠାରୁ ଆରମ୍ଭ ହୋଇ ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସରକାର ଓଡିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ତ୍ରିରଙ୍ଗା ଯାତ୍ରା ଜାରି ରହିବ ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସମ୍ପୂର୍ଣ୍ଣ ମଦମୁକ୍ତ ଓଡ଼ିଶା ଦାବିରେ ଗତ ଷାଠିଏ ଦିନ ଧରି ଚାଲିଥିବା ଏହି ତ୍ରିରଙ୍ଗା ଯାତ୍ରା ସତ୍ତ୍ୱେ ସରକାର ତୁରନ୍ତ ରାଜ୍ୟକୁ ମଦମୁକ୍ତ ଘୋଷଣା କରିବା ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଦୁର୍ଭାଗ୍ୟଜନକ ବୋଲି ଆଜିର ଏହି ତ୍ରିରଙ୍ଗା ଯାତ୍ରାରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏଣୁ ସରକାର ତୁରନ୍ତ ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ ଘୋଷଣା କରନ୍ତୁ ବୋଲି ଆଜିର ଏହି ତ୍ରିରଙ୍ଗା ଯାତ୍ରାରୁ ସରକାରଙ୍କୁ ନିବେଦନ କରାଯାଇଥିଲା । ମଦମୁକ୍ତ ଓଡିଶା ଦାବିରେ ଚାଲିଥିବା ଏହି ତ୍ରିରଙ୍ଗା ଯାତ୍ରାକୁ ସମର୍ଥନ କରି ଆଜି ଶଶିକାନ୍ତ ବେହେରା, ଇଂ ବିଶ୍ୱଜିତ ମହାନ୍ତି, ବିଷ୍ଣୁ ଚରଣ ସାମନ୍ତରାୟ, ଅରୁଣ କୁମାର ସ୍ୱାଇଁ ପ୍ରମୁଖ ଏହାର ନେତୃତ୍ୱ ନେଇଥିବା ବେଳେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ରତର କରାଯିବା ସହିତ ଓଡିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ ରାଜ୍ୟ ଘୋଷଣା କରାଯିବା ପାଇଁ ସରକାରଙ୍କୁ ବାଧ କରାଯିବ ବୋଲି ଦୃଢତାର ସହିତ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୋନା ର ସଭାପତି ପଦ୍ମଚରଣ ନାୟକ, ମଳୟ ତ୍ରିପାଠୀ, ଅର୍ଜୁନ ଚରଣ ସାମନ୍ତରାୟ, ଶୁଭେନ୍ଦୁ ରାଉତରାୟ, ପ୍ରିୟନାଥ ଆଚାର୍ଯ୍ୟ, ମଧୁସୂଦନ ଗୌଡ, ବନ୍ଦେ ମାତରଂ, କାଳନ୍ଦୀ ମଲ୍ଲିକ, ସରୋଜ ବିଶ୍ୱାଳ, ଇନ୍ଦୁମତୀ ସାହୁ, ସ୍ନେହାଂଶୁ ଜେନା ପ୍ରମୁଖ ଆଜିର ଏହି ତ୍ରିରଙ୍ଗା ଯାତ୍ରୀମାନଙ୍କୁ ସହାୟତା କରିଥିଲେ।

## ପିଲାମାନଙ୍କୁ ସଠିକ୍ ମାର୍ଗ ଦର୍ଶନ ସହ ଅଧିକ ସମୟ ଦେବାକୁ ପରାମର୍ଶ

ଗଞ୍ଜାମ,୧୫/୮ (ଜେଏନ୍ଏସ୍) : ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ କନ୍‌ଫରେନ୍ସ ହଲ୍‌ଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ଦିନିକିଆ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ସମ୍ମିଳନୀ ଓ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିବା ସହ ପିଲାମାନଙ୍କୁ ସଠିକ ମାର୍ଗ ଦର୍ଶନ ସହ ପିଲାମାନଙ୍କ ପାଇଁ ଅଧିକ ସମୟ ଦେବାକୁ ଛପରାମର୍ଶ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂଯୁକ୍ତା ବେହେରା, ବିନିତା କୁମାରୀ ମିଶ୍ର, ଭାରତୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ମନୋଜ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଇଓ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖଣ୍ଡଦେଉଳି ସିଆରସିସି ସଞ୍ଜୟ କୁମାର ତରାଇ, ଆର ନୁଆଁଗାଁ ସିଆରସିସି ରବୀନ୍ଦ୍ର କୁମାର ପଣ୍ଡା, ସୁଶାନ୍ତ କୁମାର ତରାଇଙ୍କ ସମେତ ଅନ୍ୟ ସିଆରସିସିମାନେ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ଦୁଇ କୋଟିପତି ଅଧିକାରୀ

ଭୁବନେଶ୍ୱର,୧୫/୦୮ (ଜେଏନ୍ଏସ୍): ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍‌ର ଦୁଇ ଜଣ ପୂର୍ବତନ ସରକାରୀ ଅଧିକାରୀଙ୍କୁ ପ୍ରାୟ ୩ କୋଟି ଟଙ୍କାର ପାଣ୍ଠି ହେରଫେର୍ ଓ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଛି। ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଦୁଇ ଜଣ ପୂର୍ବତନ ଅଧିକାରୀ ହେଲେ- ତିର୍ତ୍ତୋଲ ବ୍ଲକ୍‌ର ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗୀରଥି ଜେନା ଏବଂ ତିର୍ତ୍ତୋଲ ବ୍ଲକ୍‌ର ପୂର୍ବତନ ମୁଖ୍ୟ କିରାଣୀ ତଥା ଆକାଉଣ୍ଟାଣ୍ଟ ସରୋଜ କୁମାର ଦାଶ। ଏହି ଦୁଇ ଅଧିକାରୀ ମିଳିତ ଭାବେ ବ୍ଲକ୍ ଅଧୀନରେ ଥିବା ବିଭିନ୍ନ ବିଭାଗ ଓ କର୍ମଚାରୀଙ୍କ ନାମରେ ନକଲି ଏବଂ ବର୍ଦ୍ଧିତ ଦରମା ବିଲ୍ ଏବଂ ନକଲି ଏରିଅର ବିଲ୍ ପ୍ରସ୍ତୁତ କରୁଥିଲେ। ସରକାରୀ ଟ୍ରେଜେରୀରୁ ଏହି ଅର୍ଥ ଉଠାଣ କରି ସେମାନେ ନିଜର ଏବଂ ନିଜ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଇ ଦେଉଥିଲେ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ସେମାନେ ପ୍ରାୟ ୨,୯୮,୦୦,୦୦୦ ଟଙ୍କାରୁ ଅଧିକ ସରକାରୀ ପାଣ୍ଠି ଆତ୍ମସାତ କରିଛନ୍ତି। ସରକାରୀ ଅର୍ଥ ହେରଫେର୍‌ର ସୂଚନା ମିଳିବା ପରେ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ମାମଲା ରୁଜୁ କରାଯାଇଥିଲା। ଆଜି ସକାଳେ ଉଭୟ ଅଧିକାରୀଙ୍କୁ କଟକରୁ ଗିରଫ କରାଯିବା ପରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାପରେ ସେମାନଙ୍କୁ ଭୁବନେଶ୍ୱର/କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ସେମାନଙ୍କର ଜାମିନ ଆବେଦନ ନାକଚ ହେବା ପରେ କୋର୍ଟ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଭିଜିଲାନ୍ସ ବିଭାଗ ଏବେ ଏହି ଦୁଇ ଅଧିକାରୀଙ୍କ ନାମରେ ଥିବା ବେଆଇନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଖୋଳତାଡ଼ କରୁଛି।

# ମୟୂରଭଞ୍ଜରେ ସ୍କୁଲ ବନ୍ଦ

ମୟୂରଭଞ୍ଜ,୧୫/୦୮ (ଜେଏନ୍ଏସ୍): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସକ୍ରିୟ ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଆଜି (୧୩ ଅଗଷ୍ଟ ୨୦୨୬) ଜିଲ୍ଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ୟୂରଭଞ୍ଜ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକୁ ଆଜି ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଅନୁଯାୟୀ, ଛୁଟି କେବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଲାଗୁ ହେବ। ସ୍କୁଲର ସମସ୍ତ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ଅଧ୍ୟକ୍ଷ ଏବଂ ଶିକ୍ଷକ/ଶିକ୍ଷାକର୍ମୀମାନେ ସ୍କୁଲରେ ଉପସ୍ଥିତ ରହି ଅଭିଭାବକ ଓ ପିଲାମାନଙ୍କୁ ଏହି ଛୁଟି ବିଷୟରେ ଅବଗତ କରାଇବେ। ବର୍ଷାର ଭୟାବହତାକୁ ଦେଖି ଜିଲ୍ଲା ପ୍ରଶାସନ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ରାଜସ୍ୱ ଅଧିକାରୀମାନଙ୍କୁ ସତର୍କ ରହିବାକୁ କହିଛନ୍ତି । ଜିଲ୍ଲାର କୌଣସି ବି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ବିନା ଅନୁମତିରେ ନିଜ ମୁଖ୍ୟାଳୟ ଛାଡ଼ି ବାହାରକୁ ଯାଇପାରିବେ ନାହିଁ । ସିମିଳିପାଳ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ, ଜିଲ୍ଲା ପ୍ରଶାସନ ସମସ୍ତ ନିମ୍ନ ଜଳମଗ୍ନ ଏବଂ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଉପରେ କଡ଼ା ନଜର ରଖିଛି। ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଛି ଯେ, ସେମାନେ ନିଜ ପିଲାମାନଙ୍କୁ ଘରୁ ବାହାରକୁ ଛାଡ଼ନ୍ତୁ ନାହିଁ ଏବଂ ପ୍ରବଳ ବର୍ଷା ସମୟରେ ବିପଦପୂର୍ଣ୍ଣ ରାସ୍ତା କିମ୍ବା ନାଳ ପାର ହୁଅନ୍ତୁ ନାହିଁ ।

# ବାଲେଶ୍ୱର ଏବଂ ରାଉରକେଲା ଜଳବନ୍ଦୀ



ବାଲେଶ୍ୱର/ରାଉରକେଲା,୧୫/୮ (ଜେଏନ୍ଏସ୍): ବଙ୍ଗୋପସାଗରରେ ସୃଷ୍ଟ ସକ୍ରିୟ ଲଘୁଚାପ ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ଦୁଇ ପ୍ରମୁଖ ସହର ବାଲେଶ୍ୱର ଏବଂ ରାଉରକେଲାରେ ସ୍ଥିତି ସଂଗୀନ ହୋଇପଡ଼ିଛି। ଲଗାତାର ବର୍ଷା ହେତୁ ଉଭୟ ସହରର ଅନେକ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବାଲେଶ୍ୱର ସହରରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସର୍ବାଧିକ ୧୩୭ ମିମି ବର୍ଷା ରେକର୍ଡ କରାଯାଇଛି। ସହରର ତଳିଆ ଅଞ୍ଚଳ ଯେପରିକି ସହଦେବଖୁଣ୍ଟା, ଆଜିମାବାଦ, ମଲ୍ଲିକାଶପୁର ଏବଂ ଷ୍ଟେସନ ବଜାର ଅଞ୍ଚଳର ରାସ୍ତାରେ ୩ ରୁ ୪ ଫୁଟ୍‌ର ପାଣି ଜମି ରହିଛି। ଅନେକ ଲୋକଙ୍କ ଘର ଓ ଦୋକାନ ଭିତରେ ବର୍ଷା ପାଣି ପଶିଯାଇଥିବାରୁ ବ୍ୟାପକ ସାମଗ୍ରୀ ନଷ୍ଟ ହୋଇଛି। ସିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ଦେଇ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ଓ ଜଳକା ନଦୀର ଜଳସ୍ତର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି, ଯାହା ଆଗକୁ ବନ୍ୟା ଆଶଙ୍କା ସୃଷ୍ଟି କରିଛି। ଇସ୍ପାତ ସହର ରାଉରକେଲାରେ ମଧ୍ୟ ଗତକାଲି ରାତିଠାରୁ ଅବିଶ୍ରାନ୍ତ ବର୍ଷା ଜାରି ରହିଛି। ସହରର ମୁଖ୍ୟ ରାସ୍ତାଗୁଡ଼ିକ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଥିବା ବେଳେ ରାଉରକେଲା ରେଳ ଷ୍ଟେସନ ଓ ପ୍ଲାଟଫର୍ମ ଉପରେ ପାଣି ଜମି ରହିଛି। ଏହାଫଳରେ ଟ୍ରେନ୍ ଯାତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରର ସେକ୍ଟର ଅଞ୍ଚଳ, ଉଦିତନଗର ଏବଂ ବାସନ୍ତୀ କଲୋନୀର କେତେକ ସ୍ଥାନରେ ଡ୍ରେନେଜ୍ ଜାମ୍ ଯୋଗୁଁ ନଳା ପାଣି ରାସ୍ତା ଉପରକୁ ଚାଲିଆସିଛି। ଉଭୟ ବାଲେଶ୍ୱର ପୌରପାଳିକା ଏବଂ ରାଉରକେଲା ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ଜଳମଗ୍ନ ଅଞ୍ଚଳରୁ ପାଣି ବାହାର କରିବା ପାଇଁ ହାଇ-ପାୱାର୍ ମେସିନ୍ ଏବଂ ପମ୍ପ ଲଗାଯାଇଛି। କୌଣସି ଜରୁରୀକାଳୀନ ସ୍ଥିତିରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀକୁ ଆଲର୍ଟରେ ରଖାଯାଇଛି। ଖାଦ୍ୟ ଓ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ୧୦ ହଜାର ପ୍ରାଥମିକ ସ୍କୁଲ ବନ୍ଦ

ନୂଆଦିଲ୍ଲୀ, ୧୫/୦୮ : ଗୋଟିଏ ବର୍ଷ ମଧ୍ୟରେ ଭାରତରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ପ୍ରାୟ ୧୦ ହଜାର ହ୍ରାସ ପାଇଛି । ଏନେଇ ସୋମବାର ଲୋକସଭାରେ ସରକାର ସୂଚନା ଦେଇଛନ୍ତି । ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୨୪-୨୫ରେ ଭାରତରେ ୮ ଲକ୍ଷ ୮୯ ହଜାର ୮୦୬ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଥିଲା । ମାତ୍ର ୨୦୨୫-୨୬ରେ ଏହି ସଂଖ୍ୟା ୮ ଲକ୍ଷ ୭୯ ହଜାର ୯୪୦କୁ ଖସି ଆସିଛି । ଅଥାତ୍ ଗୋଟିଏ ବର୍ଷରେ ୯,୮୬୬ ଟି ଅର୍ଥାତ୍ ୧.୧ ପ୍ରତିଶତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବା ପଛରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ କି ବୋଲି ଲୋକସଭାରେ ଡିଏମ୍‌କେ ସାଂସଦ ଟିଆର ବାଲୁ ପ୍ରଶ୍ନ କରିଥିଲେ । ଏଥିସହ ପିଲାମାନେ ଯେପରି ବିଦ୍ୟାଳୟ ଛାଡ଼ି ନ ଯିବେ ସେଥିନିମନ୍ତେ ସରକାର କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ସାଂସଦ ଜାଣିବାକୁ ଚାହିଁଥିଲେ । ଏହାର ଉତ୍ତରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ଯୋଗୁଁ କେତେ ବିଦ୍ୟାଳୟ ବନ୍ଦ ହୋଇଛି ସେ ସମ୍ପର୍କରେ ସୂଚନା ନ ଦେଇ ଗୋଟିଏ ବର୍ଷରେ



ପ୍ରାୟ ୧୦ ହଜାର ସରକାରୀ ପ୍ରାଥମିକ ବିଦ୍ୟାଳୟ କମିଥିବା ତଥ୍ୟ ପ୍ରଦାନ କରିଥିଲେ । ଅନେକ ବିଦ୍ୟାଳୟରେ ପିଲା ସଂଖ୍ୟା କମ୍ ହେତୁ ତାହାକୁ ନିକଟସ୍ଥ ସ୍କୁଲରେ ମିଶାଇ ଦେବା, କେଉଁଠି ଅନ୍ୟାନ୍ୟ କାରଣରୁ ବିଦ୍ୟାଳୟ ସ୍ଥାନାନ୍ତର ତଥା ଉଚ୍ଚପ୍ରାଥମିକ ସହ ମିଶାଇବା ଆଦି କାରଣ ଥିବା କୁହାଯାଇଛି ।

ସରକାରୀ ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟରେ ମେଘାଳୟରେ ସର୍ବାଧିକ ମେଘାଳୟରେ ୨୧୭୪ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଥିବା ବେଳେ ତେଲଙ୍ଗାନାରେ ୧୯୬୧, ଆନ୍ଧ୍ରପ୍ରଦେଶରେ ୧୪୪୬, ମଧ୍ୟପ୍ରଦେଶରେ ୧୦୪୩, କର୍ଣ୍ଣାଟକରେ ୬୧୫, ପଶ୍ଚିମବଙ୍ଗରେ ୫୮୭, ରାଜସ୍ଥାନରେ ୪୭୩, ମହାରାଷ୍ଟ୍ରରେ ୩୫୭, ହିମାଚଳ ପ୍ରଦେଶରେ ୨୫୯, ଆସାମରେ ୨୦୯ଟି ବିଦ୍ୟାଳୟ ବନ୍ଦ ହୋଇଛି । ଅନ୍ୟପକ୍ଷରେ ବିହାରରେ ପୂର୍ବରୁ ୬ ହଜାର ୮୦୩ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ଏହି ସଂଖ୍ୟା ୨୦୨୫-୨୬ରେ ୬ହଜାର ୯୧୫ରେ ପହଞ୍ଚିଛି । ସେହିପରି ଛତିଶଗଡ଼ରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୪୩ ହଜାର ୮୩୬ରୁ ବଢ଼ି ୪୩ ହଜାର ୮୫୩ରେ ପହଞ୍ଚିଛି । ଜାମ୍ମୁ-କାଶ୍ମୀର, ପୁଡୁଚେରୀ, ଆଣ୍ଡାମାନ ଓ ନିକୋବାରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ସ୍ଥିର ରହିଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ଉନ୍ନତି ନିମନ୍ତେ କେନ୍ଦ୍ର ସରକାର ସମଗ୍ର ଶିକ୍ଷା ଓ ପିଏମ୍ ପୋଷଣ ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି । ୟୁଡାଇଜ୍ ରିପୋର୍ଟ ଅନୁଯାୟୀ, ୨୦୨୩-୨୪ରୁ ୨୦୨୪-୨୫ ଶିକ୍ଷାବର୍ଷରେ ଦେଶରେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ୮୬ ଲକ୍ଷ ପିଲାଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ଏହି ସମୟ ମଧ୍ୟରେ ଘରୋଇ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୮୮ ଲକ୍ଷ ବୃଦ୍ଧି ପାଇଥିଲା । ମୋଟାମୋଟି ଦେଖିଲେ ଛାତ୍ରଛାତ୍ରୀଙ୍କ ନାମଲେଖା ପାଖାପାଖି ସ୍ଥିର ରହିଥିଲା ।

# ସଂସଦର ମୌସୁମୀ ଅଧିବେଶନ ଶେଷ

ନୂଆଦିଲ୍ଲୀ,୧୫/୦୮ (ଜେଏନ୍ଏସ୍): କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦର ମୌସୁମୀ ଅଧିବେଶନ ନିର୍ଦ୍ଧାରିତ ସମୟ ପୂର୍ବରୁ ସମାପ୍ତ ହୋଇଛି । ଗୃହରେ ସରକାର ଓ ବିରୋଧୀଙ୍କ ମଧ୍ୟରେ ଚାଲିଥିବା ଅଚଳାବସ୍ଥା ଏବଂ ବିଭିନ୍ନ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ମୁଦ୍ରାସ୍ଫୀତି, ଏବଂ ନୂତନ ବିଲ୍‌ଗୁଡ଼ିକୁ ନେଇ ବିରୋଧୀ ଦଳଗୁଡ଼ିକ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ । ବାରମ୍ବାର ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେବା ଯୋଗୁଁ ବାଚସ୍ପତି



ଏବଂ ସଭାପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବାକୁ ବାଧ ହୋଇଥିଲେ । ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲକୁ ନେଇ ଗୃହରେ ପ୍ରବଳ ବିତର୍କ ହୋଇଥିଲା । ବିରୋଧୀଙ୍କ ଦାବି ଏବଂ ବିଲ୍‌ର ବ୍ୟାପକ ସମୀକ୍ଷା ପାଇଁ ଏହି ବିଲ୍‌କୁ ଏକ ଯୌଥ ସଂସଦୀୟ କମିଟିକୁ ପଠାଇବା ପାଇଁ ଲୋକସଭାରେ ଅନୁମୋଦନ ମିଳିଛି । ଏହି କମିଟି ବିଲ୍‌ର ସମସ୍ତ ଦିଗକୁ ଅନୁଧ୍ୟାନ କରି ପରବର୍ତ୍ତୀ ଅଧିବେଶନରେ ରିପୋର୍ଟ ପ୍ରଦାନ କରିବ । ହଟ୍ଟଗୋଳ ଯୋଗୁଁ ଚଳିତ ଅଧିବେଶନରେ ଗୃହର କାର୍ଯ୍ୟଦକ୍ଷତା ସେତେଟା ସନ୍ତୋଷଜନକ ରହିନାହିଁ । ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିତର୍କ ନହୋଇ ପାରି ହେଙ୍ଗାମା ମଧ୍ୟରେ କିଛି ବିଲ୍ ପାରିତ ହୋଇଛି । ବାଚସ୍ପତି ଗୃହର ଏଭଳି ଅଚଳାବସ୍ଥାକୁ ନେଇ ଦୁଃଖ ପ୍ରକାଶ କରିବା ସହ ସମସ୍ତ ସଦସ୍ୟଙ୍କୁ ଗଣତାନ୍ତ୍ରିକ ମର୍ଯ୍ୟାଦା ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି ।

# ବନ୍ଦେ ମାତରମ୍ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତୀ



ନୂଆଦିଲ୍ଲୀ, ୧୫/୦୮ : ବନ୍ଦେ ମାତରମ୍ ବା ଜାତୀୟ ସମ୍ମାନକୁ ଅପମାନ ନିବାରଣ (ସଂଶୋଧନ) ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଫଳରେ ଏହା ଆଇନର ରୂପ ନେଇଛି । ଏବେ ସରକାର ଏହି ଆଇନର କାର୍ଯ୍ୟକାରିତା ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବେ । ଜୁଲାଇ ୩୦ରେ ଏହି ବିଲ୍ ଲୋକସଭାରେ ଓ ଜୁଲାଇ ୨୯ରେ ଏହା ରାଜ୍ୟସଭାରେ ଗୃହୀତ ହୋଇଥିଲା । ଏହି ବିଲ୍ ଦ୍ୱାରା ୧୯୭୧ରୁ ପ୍ରଚଳିତ 'ଜାତୀୟ ସମ୍ମାନକୁ ଅପମାନ ନିବାରଣ ଆଇନ'ରେ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ଜାତୀୟ ପତାକା, ସମ୍ବିଧାନ ଓ ଜାତୀୟ ସଙ୍ଗୀତ (ଜନ ଗଣ ମନ) ପାଇଁ ଯେଉଁ ଆଇନଗତ ସୁରକ୍ଷା ଓ ଦଣ୍ଡବିଧାନ ଥିଲା, ଏବେ 'ବନ୍ଦେ ମାତରମ୍'କୁ ମଧ୍ୟ ସମାନ ସୁରକ୍ଷା ପ୍ରଦାନ କରାଯାଇଛି । ବନ୍ଦେ ମାତରମ୍ ଗାନ ସମୟରେ ଇଚ୍ଛାକୃତ ଭାବେ ବାଧା ସୃଷ୍ଟି କରିବା କିମ୍ବା ଏହାକୁ ଅପମାନିତ କଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ, ଜୋରିମାନା କିମ୍ବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିବ । ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍' ର ୧୫୦ତମ ବାର୍ଷିକୀ ପାଳନର ଅଂଶବିଶେଷ ସ୍ୱରୂପ କେନ୍ଦ୍ର ସରକାର ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍ ଗାନକୁ ବାଧ୍ୟତାମୂଳକ କରିଛନ୍ତି ।

## ୟୁକ୍ରେନ ବ୍ୟାଙ୍କ ମାମଲା ଲଢ଼ିବାକୁ

# ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କୁ ଦାୟିତ୍ୱ ଦେଲା ରୁଷ

ନୂଆଦିଲ୍ଲୀ, ୧୫/୦୮ : ଭାରତର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ରୁଷ ଦେଇଛି ବଡ଼ ଦାୟିତ୍ୱ । ୟୁକ୍ରେନ ସରକାରଙ୍କ ଦ୍ୱାରା ପରିଚାଳିତ ଗୋଟିଏ ବ୍ୟାଙ୍କ ସହ ଆଇନଗତ ଲଢ଼େଇ କରିବା ପାଇଁ ରୁଷ ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କୁ ନିଯୁକ୍ତ କରିଛି । ଗୋଟିଏ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଟ୍ରିବ୍ୟୁନାଲରେ ରୁଷିଆ ପକ୍ଷରୁ ସେ ୟୁକ୍ରେନ୍‌ର ବ୍ୟାଙ୍କ ଓଶଚାଡବ୍ୟାଙ୍କ ବିରୋଧରେ ଲଢ଼ିବେ । ରୁଷ ତାଙ୍କୁ ଆର୍ବିଟ୍ରେଟର ଭାବେ ନିଯୁକ୍ତ କରିଛି ।



ରୁଷିଆ-ୟୁକ୍ରେନ୍ ମଧ୍ୟରେ ୨୦୨୨ରୁ ଚାଲିଥିବା ଯୁଦ୍ଧ ସହ ଏହି ମାମଲା ଜଡ଼ିତ । ରୁଷର ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରଭାବ ୟୁକ୍ରେନ୍‌ର ଡୋନେସ୍କ, ଲୁହାନସ୍କ, ଖେରସନ୍ ଓ ଜାପୋରିଝିଆ ଅଞ୍ଚଳରେ ଥିବା ବ୍ୟାଙ୍କର ସମ୍ପତ୍ତି ଓ ବ୍ୟବସାୟିକ କାର୍ଯ୍ୟକଳାପ ଉପରେ ପଡ଼ିଥିବା ଓଶଚାଡବ୍ୟାଙ୍କ ଦାବି କରିଛି । ୨୦୨୨ରେ ରୁଷିଆର ପୂର୍ଣ୍ଣ ସାମରିକ ଅଭିଯାନ ପରେ ଉକ୍ତ ଅଞ୍ଚଳରେ ବ୍ୟାଙ୍କ ନିଜର ସମ୍ପତ୍ତି ଓ ବ୍ୟବସାୟିକ କାର୍ଯ୍ୟ ହରାଇଥିବା କହିଛି । ରୁଷ ଓ ୟୁକ୍ରେନ୍ ମଧ୍ୟରେ ୧୯୯୮ରେ ହୋଇଥିବା ଦ୍ୱିପାକ୍ଷିକ ନିବେଶ ଚୁକ୍ତି ଅଧୀନରେ ଏବେ ଏହାର ଶୁଣାଣି ହେଉଛି । ଓଶଚାଡବ୍ୟାଙ୍କ ରୁଷ ଠାରୁ ଶହ ଶହ ମିଲିୟନ୍ ଡଲାର ଚାହୁଁଛି । ହେଲେ ଏଥିରେ ରୁଷ ରାଜି ନ ହୋଇ ଆଇନଗତ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛି । ଶୁଣାଣି କରିବାକୁ ଥିବା ଟ୍ରିବ୍ୟୁନାଲରେ ମୋଟ ୩ଜଣ ସଦସ୍ୟ ରହିବେ । କୋଷ୍ଟାରିକାର ଆର୍ବିଟ୍ରେଟର ତଥା ପୂର୍ବତନ ବାଣିଜ୍ୟ ମନ୍ତ୍ରୀ ଡାୟାଲା ଜିମେନେଜ୍ ଏହାର ଅଧ୍ୟକ୍ଷ ହେବେ । ରୁଷ ଓ ଓଶଚାଡବ୍ୟାଙ୍କର ସହମତିରେ ତାଙ୍କୁ ଚୟନ କରାଯାଇଛି । ୨୦୨୫ ଜୁଲାଇରେ ଓଶଚାଡବ୍ୟାଙ୍କ ରୁଷକୁ ବିବାଦ ସମ୍ପର୍କିତ ନୋଟିସ୍ ପଠାଇଥିଲା । ରୁଷ ପକ୍ଷରୁ ଏହାର ଉତ୍ତର ନ ମିଳିବା ପରେ ବ୍ୟାଙ୍କ ମଧ୍ୟସ୍ଥତା ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି ।

ଏସବୁ ଭିତରେ ରୁଷ ଏବେ ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କୁ ନିଯୁକ୍ତ କରିଛି । ଏହା ପୂର୍ବରୁ ରୁଷ ତାଙ୍କୁ ଦୁଇଟି ଅନ୍ତର୍ଜାତୀୟ ଚୁକ୍ତିଭିତ୍ତିକ ବିବାଦରେ ଆର୍ବିଟ୍ରେଟର ହେବା ପାଇଁ ଯୋଗାଯୋଗ କରିଥିଲା । ଏହି ମାମଲାଗୁଡ଼ିକ ଗ୍ୟାସ୍ ଓ ତୈଳ ଉତ୍ପାଦନ କମ୍ପାନୀ Wintershall Dea ଓ ୟୁକ୍ରେନ୍‌ର ସରକାରୀ ବିଦ୍ୟୁତ୍ କମ୍ପାନୀ Ukrenergo ସହ ଜଡ଼ିତ ଥିଲା । ହେଲେ ଚନ୍ଦ୍ରଚୂଡ଼ ଏଥିରେ ରାଜି ହୋଇ ନଥିଲେ । ଏବେ କିନ୍ତୁ ସେ ରୁଷ ପାଇଁ ଆଇନଗତ ଲଢ଼େଇ କରିବାକୁ ରାଜି ହୋଇଛନ୍ତି ।

# ଇସ୍ତଫା ଦେଲେ ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍




ନୂଆଦିଲ୍ଲୀ, ୧୫/୦୮ : ଏନ୍. ଚନ୍ଦ୍ରଶେଖରନ୍ ଟାଟା ସନ୍ସର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି । ଅଗଷ୍ଟ ୧୮ରେ ଅନୁଷ୍ଠିତ ହେବାକୁ ଥିବା କମ୍ପାନୀର ବାର୍ଷିକ ସାଧାରଣ ବୈଠକ ପୂର୍ବରୁ ସେ ଦେଇଥିବା କଥା ସାମ୍ନାକୁ ଆସିଛି । କିନ୍ତୁ ଆସନ୍ତା ଫେବୃଆରୀରେ ତାଙ୍କର ବର୍ତ୍ତମାନର କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ସେ ଏହି ଭୂମିକାରେ କାର୍ଯ୍ୟ ଜାରି ରଖିବେ ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଏହି ଘଟଣାକ୍ରମ ଏପରି ଏକ ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ଟାଟା ଗ୍ରୁପ୍ ତା'ର ବିଭିନ୍ନ ବ୍ୟବସାୟରେ ଅନେକ ଆହ୍ୱାନର ସାମ୍ନା କରୁଛି ଏବଂ ତାଙ୍କର ପୁନଃନିଯୁକ୍ତିକୁ ନେଇ ଟାଟା ସନ୍ସ ଓ ଟାଟା ଟ୍ରଷ୍ଟ ମଧ୍ୟରେ ମତଭେଦ ଦେଖାଦେଇଛି ।

ଟାଟା ସନ୍ସ ହେଉଛି ୪୦୦ ବିଲିୟନ୍ ଡଲାର ମୂଲ୍ୟର ଟାଟା ଗ୍ରୁପ୍‌ର ମୁଖ୍ୟ ହୋଲ୍ଡିଂ କମ୍ପାନୀ । ଏହା ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍, ଟାଟା ମୋଟର୍ସ ଏବଂ ଏୟାର ଇଣ୍ଡିଆ ସମେତ ୩୦ ରୁ ଅଧିକ କମ୍ପାନୀକୁ ନିୟନ୍ତ୍ରଣ କରେ । ଟାଟା ସନ୍ସର ୬୬% ମାଲିକାନା ଗ୍ରୁପ୍‌ର ଦାତବ୍ୟ ସଂସ୍ଥା 'ଟାଟା ଟ୍ରଷ୍ଟ' ନିକଟରେ ରହିଛି । ଚନ୍ଦ୍ରଶେଖରନ୍‌ଙ୍କ ପୁନଃନିଯୁକ୍ତିକୁ ନେଇ ଦେଖାଦେଇଥିବା ମତଭେଦ ପରେ ଏହି ଘଟଣାକ୍ରମ ସାମ୍ନାକୁ ଆସିଛି । ପୂର୍ବରୁ ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ୍ ଟାଟା ଏହି ପଦକ୍ଷେପକୁ ବିରୋଧ କରିବା ପରେ, ଫେବୃଆରୀ ମାସରେ ଟାଟା ସନ୍ସ ତାଙ୍କ କାର୍ଯ୍ୟକାଳ ବୃଦ୍ଧି ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲା ।

## ଫୁକେଟ-ନୂଆଦିଲ୍ଲୀ ବିମାନ ଟର୍ବୁଲାନ୍ସ ଘଟଣା

# ଗଞ୍ଜେଇ ଟାଣି ବିମାନ ଉଡ଼ାଉଥିଲେ ପାଇଲଟ୍




ନୂଆଦିଲ୍ଲୀ, ୧୫/୦୮ : ଅଗଷ୍ଟ ୪ ତାରିଖରେ ଥାଇଲ୍ୟାଣ୍ଡର ଫୁକେଟ୍‌ରୁ ନୂଆଦିଲ୍ଲୀ ଆସୁଥିବା ଏୟାର୍ ଇଣ୍ଡିଆ ବିମାନ ଆକାଶମାର୍ଗରେ ପ୍ରବଳ ଟର୍ବୁଲାନ୍ସର ସମ୍ମୁଖୀନ ହୋଇ ହଠାତ୍ ୩୦୦ ଫୁଟ୍ ତଳକୁ ଖସିଆସିଥିଲା । ଏଥିଯୋଗୁଁ ବିମାନରେ ଥିବା ୧୭ ଜଣ ଯାତ୍ରୀ ଓ କର୍ମଚାରୀ ଆହତ ହୋଇଥିଲେ । ବିମାନଟି ଦିଲ୍ଲୀରେ ସୁରକ୍ଷିତ ଅବତରଣ କରିବା ପରେ ପାଇଲଟ୍‌ମାନଙ୍କର ଡୋପ୍ ଟେଷ୍ଟ କରାଯାଇଥିଲା । ପ୍ରଥମ ଡୋପ୍ ଟେଷ୍ଟରେ ପାଇଲଟ୍-ଇନ୍-କମାଣ୍ଡଙ୍କର ନମୁନା ସନ୍ଦେହଜନକ ରହିଥିଲା । ଏହାପରେ ଦ୍ୱିତୀୟ ଟେଷ୍ଟ କରାଯାଇଥିବାବେଳେ ଏହାର ରିପୋର୍ଟ ପଜିଟିଭ୍ ରହିଛି । ଅର୍ଥାତ୍ ପାଇଲଟ୍ ମାରିଜୁଆନା ବା ଗଞ୍ଜେଇ ସେବନ କରି ବିମାନ ଉଡାଉଥିବା ସ୍ପଷ୍ଟ ହୋଇଛି । ଡିଜିସିଏ ଓ ବିମାନ ଦୁର୍ଘଟଣା ଅନୁସନ୍ଧାନ ବ୍ୟୁରୋ ଏହି ଘଟଣାର ତଦନ୍ତ କରୁଥିବାବେଳେ ସଂପୃକ୍ତ ପାଇଲଟ୍‌ଙ୍କୁ ଉଡ଼ାଣ ଦାୟିତ୍ୱରୁ ଦୂରେଇ ରଖାଯାଇଛି । ଏହି ସମ୍ବେଦନଶୀଳ ମାମଲା ପରେ ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ୍ ୱିଲସନ୍‌ଙ୍କୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସମନ ଜାରି କରିଥିବାବେଳେ ସେ ହାଜର ହୋଇଛନ୍ତି । କ୍ୟାମ୍ପବେଲ୍ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ଡିଜିସିଏ ନିକଟରେ ହାଜର ହୋଇ ନିଜର ପକ୍ଷ ରଖିଛନ୍ତି ।

# ଜେନ୍ ଜି ପରେ ରାସ୍ତାରେ ଜେନ ଆଲଫା

ନୂଆଦିଲ୍ଲୀ, ୧୫/୦୮ : ନିକଟରେ ପୂରା ଦେଶରେ ପରୀକ୍ଷା ଅନିୟମିତତା ବିରୋଧରେ ଗର୍ଜିଥିଲେ ଜେନ ଜି । ବିଶେଷ କରି ଦିଲ୍ଲୀର ଯନ୍ତରମନ୍ତରରେ ଜେନ୍ ଜି ଆନ୍ଦୋଳନ ଯୋଗୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଧର୍ମେନ୍ଦ୍ର ପ୍ରଧାନ । ଏବେ ରାଜ ରାସ୍ତାକୁ ଓହ୍ଲାଇଛନ୍ତି ଜେନ ଆଲଫା ଶିକ୍ଷାର୍ଥୀ ଓ ଗାଁ ଲୋକ । ଉତ୍ତର ପ୍ରଦେଶର ହମିରପୁର ଜିଲ୍ଲାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜେଫ ଆଲଫା ପକ୍ଷରୁ ହାତରେ ତ୍ରିରଙ୍ଗା ଧରି ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯାଇଛି । ସେମାନେ ନିଜର ସ୍କୁଲ ପାଇଁ ଉପଯୁକ୍ତ ରାସ୍ତା ନିର୍ମାଣ ଦାବି କରିଛନ୍ତି । ଜେନ୍ ଆଲଫା ଛାତ୍ରଛାତ୍ରୀ ଓ ଗ୍ରାମବାସୀ ହାତରେ ତ୍ରିରଙ୍ଗା ଧରି ପ୍ରାୟ ୫ କିଲୋମିଟର 'ତ୍ରିରଙ୍ଗା ଯାତ୍ରା' କରି କଲେକ୍ଟରେଟ୍‌ରେ ପହଞ୍ଚିଥିଲେ । ସେଠାରେ କ୍ଷତିଗ୍ରସ୍ତ ରାସ୍ତା ବିରୋଧରେ ନାରାବାଜୀ କରିଛନ୍ତି । ଚନ୍ଦୁପୁର ଗ୍ରାମ ପଞ୍ଚାୟତର ଛାତ୍ରଛାତ୍ରୀ ଓ ଗ୍ରାମବାସୀ କହିଛନ୍ତି, ସ୍କୁଲ ଯିବା ପାଇଁ ସେମାନଙ୍କୁ କାଦୁଅ ରାସ୍ତାରେ ଚାଲିବାକୁ ପଡୁଛି । ତେଣୁ ଏଠାରେ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରାଯାଉ । ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳରେ ଏପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇ ନଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । କଲେକ୍ଟରେଟ୍‌ରେ ପହଞ୍ଚିବା ପରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ଗେଟ୍ ନିକଟରେ ବସି ପ୍ରତିବାଦ କରିଥିଲେ । ପ୍ରତିବାଦ ଚାଲିଥିବା ବେଳେ କଲେକ୍ଟରେଟ୍‌ରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଏସ୍‌ଡିଏମ୍ ବିକ୍ଷୋଭକାରୀଙ୍କ ସହ କଥା ହୋଇଥିଲେ ହେଁ କିଛି ବି ସୁଫଳ ମିଳିନି । ବିକ୍ଷୋଭକାରୀ କହିଛନ୍ତି, ରାସ୍ତା ନିର୍ମାଣ




କାମ ଆରମ୍ଭ ନହେବା ପର୍ଯ୍ୟନ୍ତ ସେମାନେ ସେଠାରୁ ହଟିବେ ନାହିଁ । ବିଶେଷକରି ବର୍ଷା ଦିନେ କାଦୁଅ ରାସ୍ତାରେ ପାଣି ଜମି ଯାଉଥିବାରୁ ସ୍କୁଲ ଯିବା ଓ ଯାତାୟାତରେ ଅଧିକ ସମସ୍ୟା ହେଉଥିବା ସେମାନେ କହିଛନ୍ତି । ଏଡିଏମ୍ ରାକେଶ କୁମାରଙ୍କ କହିବା କଥା ଯେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ କଲେକ୍ଟରେଟ୍‌କୁ ଆସି କଚ୍ଚା ରାସ୍ତା ସ୍ଥାନରେ ପକ୍କା ରାସ୍ତା ନିର୍ମାଣ ପାଇଁ ଗୋଟିଏ ସ୍ମାରକପତ୍ର ଦେଇଛନ୍ତି । ପ୍ରଶାସନକୁ ବନ ବିଭାଗ ପକ୍ଷରୁ ଆବଶ୍ୟକ ଏନ୍‌ଓସି ମିଳିସାରିଛି । ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯିବ । ଏହାର ପ୍ରସ୍ତାବ ସରକାରଙ୍କ ନିକଟକୁ ପଠାଯାଇଛି । ଅନୁମୋଦନ ମିଳିବା ପରେ ଟେଣ୍ଡର ଡକାଯାଇ ରାସ୍ତା ନିର୍ମାଣ କାମ ଆରମ୍ଭ ହେବ ।

ଏହି ରାସ୍ତା କାମ ଦୀର୍ଘ ବର୍ଷ ଧରି ଅଟକି ରହିଛି । ବିଭିନ୍ନ ସମୟରେ ଗ୍ରାମବାସୀଙ୍କ ସହ ଆଲୋଚନା ବେଳେ ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା । ତେବେ ବିରୋଧକୁ ତୀବ୍ର କରିବା ଉଦ୍ଦେଶ୍ୟରେ କିଛି ଅସାମାଜିକ ତତ୍ତ୍ୱ ପିଲାମାନଙ୍କୁ ଆଗକୁ ଆଣୁଥିବା ଏଡିଏମ୍ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ବିକ୍ଷୋଭକାରୀ ରାସ୍ତା ନିର୍ମାଣ କାମ ତୁରନ୍ତ ଆରମ୍ଭ କରିବା ଦାବିରେ ଜିଦରେ ଅଟଳ ରହିଛନ୍ତି । ପ୍ରଶାସନ କାମ ଆରମ୍ଭ ନକରିବା ପର୍ଯ୍ୟନ୍ତ କଲେକ୍ଟରେଟ୍‌ରୁ ସେମାନେ ହଟିବେ ନାହିଁ ବୋଲି କହିଛନ୍ତି । ଜେନ ଜି ଓ ଜେନ ଆଲଫା ହେଉଛନ୍ତି ଦୁଇଟି ଅଲଗା ଅଲଗା ପିଢ଼ି କିମ୍ବା ଜେନେରେସନର ସଦସ୍ୟ । ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ପିଲାଙ୍କୁ ଜେନ ଜି କୁହାଯାଏ ।

# ମୁମ୍ବାଇ ଭୂସ୍ଖଳନରେ ୩ ମୃତ, ୫ ନିଖୋଜ

ମୁମ୍ବାଇ, ୧୫/୦୮ : ମୁମ୍ବାଇର କୁର୍ଲା ଅଞ୍ଚଳରେ ବୁଧବାର ଘଟିଥିବା ଏକ ଭୂସ୍ଖଳନରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ରୁ ୫ ଜଣ ଲୋକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି ।

ଧ୍ୱଂସାବଶେଷ ତଳେ ଜୀବନର ସନ୍ଧାନ ପାଇବା ପାଇଁ ସ୍ୱତନ୍ତ୍ର ଭିକ୍ଟିମ୍-ଡିଟେକ୍ସନ୍ (ପୀଡ଼ିତ-ସନ୍ଧାନ) କ୍ୟାମେରା ବ୍ୟବହାର କରି ଏକାଧିକ ସଂସ୍ଥାର ଉଦ୍ଧାରକାରୀ ଦଳ ଖୋଜାଖୋଜି ଓ ଉଦ୍ଧାର ଅଭିଯାନ ଚଳାଇଛନ୍ତି ।

ବୃହତ୍ତ ମୁମ୍ବାଇ ମହାନଗର ନିଗମର ମୁମ୍ବାଇ ଅଗ୍ନିଶମ ବାହିନୀ ଦ୍ୱାରା ଶେଆର କରାଯାଇଥିବା ସୂଚନା ଅନୁଯାୟୀ, ବୁଧବାର ଭୋର ୩:୪୮ ରେ ଏହି ଘଟଣା ଘଟିଥିଲା । ଘାଟକୋପରର ଚିରାଗ ନଗର ସ୍ଥିତ ଗୌସିୟା ବସ୍ତିରେ ଏହି ଭୂସ୍ଖଳନ ହୋଇଥିଲା ।

ପ୍ରାରମ୍ଭିକ ରିପୋର୍ଟରୁ ପ୍ରକାଶ ଯେ, ଗୌସିୟା ବସ୍ତି ନିକଟସ୍ଥ ପାହାଡ଼ର ଏକ ଅଂଶ ଧସିଯିବା ଫଳରେ ପାଞ୍ଚରୁ ଛଅ ଜଣ ଲୋକ ଫସି ରହିଥିଲେ । ତିନୋଟି








ଘର ଉପରେ ମାଟି ଓ ପଥର ଅତଡ଼ା ପଡ଼ିଥିଲା । ଭୂସ୍ଖଳନ ପରେ ପରିସ୍ଥିତିର ସମୀକ୍ଷା କରିବା ପାଇଁ ଇ.ଗ.ଉ. ମେୟର ରିତୁ ତାୱଡେ ଏବଂ ଅତିରିକ୍ତ ପୌର କମିଶନର (ପୂର୍ବ ଉପନଗର) ଅବିନାଶ ଡାକନେ ଘାଟକୋପରସ୍ଥିତ ପ୍ରଭାବିତ ସ୍ଥାନ ପରିଦର୍ଶନ କରିଥିଲେ ।

ଏହା ସହିତ ତାୱଡେ ଭୂସ୍ଖଳନରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପାଇଁ ୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜରିଆରେ ଏହି ସହାୟତା ରାଶି ପ୍ରଦାନ କରାଯିବ । ପୁଲିସ୍ ଉପ-କମିଶନର କହିଛନ୍ତି ଯେ ଏହି ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ଚାରିରୁ ପାଞ୍ଚ ଜଣ ଲୋକ ଏବେ ବି ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି ।

## ଆର୍‌ଜି କର୍ ଦୁଷ୍କର୍ମ ଓ ହତ୍ୟା ମାମଲା

# ବାଲେଶ୍ୱରରୁ ଗିରଫ ହେଲେ ଟିଏମସିର ପୂର୍ବତନ ବିଧାୟକ

ସମ୍ବଲପୁର, ୧୫/୦୮ : ବହୁ ଚର୍ଚ୍ଚିତ ପଶ୍ଚିମବଙ୍ଗ ଆର୍‌ଜି କର ହସ୍ପିଟାଲ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନୂଆ ଟ୍ୱିଷ୍ଟ । ଗୁରୁବାର ଏହି ଘଟଣାରେ ଗିରଫ ହୋଇଛନ୍ତି ଟିଏମସିର ପୂର୍ବତନ ବିଧାୟକ ନିର୍ମଳ ଘୋଷ । ଆରଜି କର ପୀଡ଼ିତାଙ୍କ ଅନ୍ତିମ ସଂସ୍କାର ତରବରିଆ ଭାବେ କରାଯାଇଥିବା ଅଭିଯୋଗ ଘଟଣାରେ ଆଜି ପୁଲିସ୍ ତାଙ୍କୁ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଜାମୁଝଡ଼ି ନିକଟସ୍ଥ ଏକ ହୋଟେଲରୁ ଗିରଫ କରିଛି ।

ପ୍ରାମଣ ନଷ୍ଟ, ଅପରାଧିକ ଷଡ଼ଯନ୍ତ୍ର ଓ ଇଚ୍ଛା ବିରୋଧରେ ଜଣଙ୍କୁ ଗୋଟିଏ କାମ କରିବା ପାଇଁ ବାଧ କରିବା ଭଳି ଚାର୍ଜରେ ବାଲେଶ୍ୱରରୁ ପୁଲିସ୍ ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଛି । ବାଲେଶ୍ୱରରୁ ଗିରଫ କରିବା ପରେ ପୁଲିସ୍ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ କୋଲକାତା ନେଇଥିବା ଜଣାପଡ଼ିଛି ।

ନିର୍ମଳ ଘୋଷ ହେଉଛନ୍ତି ପାନିହାଟୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ । ୨୦୨୬ ବିଧାନସଭା ନିର୍ବାଚନରେ ଆରଜି କର୍ ପୀଡ଼ିତାଙ୍କ ମା'କୁ ବିଜେପି ଏଠାରେ ପ୍ରାର୍ଥୀ କରିଥିଲା । ଆଉ ରତନା ଦେବନାଥ ଏଠାରୁ ବିଜୟ ହୋଇଛନ୍ତି । ରତନା ଦେବନାଥ ବିଧାୟକ ହେବା ପରେ ଆରଜି କର ଘଟଣାର ଖୋଳତାଡ଼ ପୁଣି ଆରମ୍ଭ ହୋଇଥିଲା । ନିର୍ମଳ ଘୋଷ ଜାଣିଶୁଣି ୨୦୨୪ରେ ପୀଡ଼ିତାଙ୍କ ପରିବାର ଉପରେ ଚାପ ପକାଇ ତରବରିଆ ଭାବେ ଅନ୍ତିମ ସଂସ୍କାର ପାଇଁ ବାଧ କରିଥିବା ଅଭିଯୋଗ ଆସିଥିଲା । ଏଥିପାଇଁ ୨ ଦିନ



ତଳେ ତାଙ୍କ ବିରୋଧରେ ପୁଲିସ୍ ଏଫଆଇଆର ରୁଜୁ କରିଥିଲା । ପୀଡ଼ିତାଙ୍କ ବାପା ସୋମବାର ଅଭିଯୋଗ କରିବା ପରେ ପୁଲିସ୍ ଏହି ପଦକ୍ଷେପ ନେଇଥିଲା ।

ପୀଡ଼ିତାଙ୍କ ବାପା ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅଙ୍କ ମୃତଦେହର ଅନ୍ତିମ ସଂସ୍କାର ତରବରିଆ ଭାବେ କରାଯାଇଥିଲା । ଏଥିରେ ନିର୍ମଳ ଘୋଷଙ୍କ ସମେତ ୩ ଜଣଙ୍କ ଭୂମିକା ଥିଲା । ପୂର୍ବତନ ଟିଏମ୍‌ସି ବିଧାୟକଙ୍କ ବ୍ୟତୀତ ଏହି ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ପାନିହାଟୀ ପୌରସଂସ୍ଥାର କାଉନସିଲର ସୋମନାଥ ଦେ ଓ ମୃତ ଡାକ୍ତରୀ ଛାତ୍ରୀଙ୍କ ପରିବାରର ପଡ଼ୋଶୀ ସଞ୍ଜୀବ ମୁଖାର୍ଜୀ । ପୀଡ଼ିତାଙ୍କ ବାପା ଆହୁରି କହିଛନ୍ତି ଯେ ଦ୍ୱିତୀୟ ଥର ପୋଷ୍ଟମର୍ଟମ୍‌ର ସମ୍ଭାବନାକୁ ରୋକିବା ଓ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଉକ୍ତ ୩ ଜଣଙ୍କ ତତ୍ତ୍ୱାବଧାନରେ ଅତ୍ୟନ୍ତ ତରବରିଆ ଭାବେ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା । ରବିବାର ପାନିହାଟୀରେ ପୀଡ଼ିତାଙ୍କ ସ୍ମୃତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବାରାକପୁର ପୁଲିସ କମିଶନରଙ୍କୁ ତରବରିଆ ଅନ୍ତିମ ସଂସ୍କାର ଅଭିଯୋଗର ତଦନ୍ତ ପୁଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବାରାକପୁର ପୁଲିସ କମିଶନରେଟ୍‌ର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା କଥା ଯେ ନୂଆ ମାମଲା ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ ଠାରୁ ଅଲଗା । ଅଧିକାରୀଜଣଙ୍କ କହିଛନ୍ତି, "ସିବିଆଇ କୋଲକାତା ପୁଲିସ ଅଧୀନରେ ଥିବା ଆର୍‌ଜି କର ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ମାମଲାର ତଦନ୍ତ କରୁଛି । ଖାରଦା ଥାନାରେ ରୁଜୁ ହୋଇଥିବା ନୂଆ ଏଫ୍‌ଆଇଆର୍ ମୃତକଙ୍କ ପରିବାରର ଅଭିଯୋଗ ଆଧାରରେ ହୋଇଛି । ପରିବାର ସଦସ୍ୟଙ୍କ ସମ୍ମତି ବିନା ମୃତଦେହକୁ ତରବରିଆ ଭାବେ ଅନ୍ତିମ ସଂସ୍କାର କରାଯାଇ ପ୍ରମାଣ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ଅଭିଯୋଗ ଏଥିରେ କରାଯାଇଛି ।"

“ମା' ମାଟିକୁ ଭଲ ମୁଁ ପାଉଛି
ନାହିଁ ମୋ ମନରେ ଭୟ,
ଜନ୍ମ ଭୂମି ଜନ୍ମ ମାଟିର ପୁଅ ମୁଁ
ସଦା କହୁଥିବି ଭାରତ ମାତାର ଜୟ”

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ...

# ଅନ୍ତର୍ଜାତୀୟ ରାଜନୀତି ଓ ବିଶ୍ୱରେ ଅସ୍ଥିରତା

ବିଶ୍ୱର ଶାନ୍ତି ଓ ପରିବେଶକୁ ଅସନ୍ତୁଳିତ କରିଛି ମଧ୍ୟପ୍ରାଚୀର ଯୁଦ୍ଧ। ଶାନ୍ତି ନ ଥାଇ ବସ୍ତୁଗତ ପ୍ରଗତୀ ଧର୍ମକୁ ଆଖିଠାର ମାରିବା ଭଳି। ପରିବେଶକୁ ପ୍ରଗତୀ ନାମରେ ଆଧୁନିକ ସମାଜ ପ୍ରଭାବିତ କରିଛି। ଅହଂକାର ଓ ଜିଦ୍‌ଖୋର ମନୋଭାବ ପାଇଁ ମଧ୍ୟପ୍ରାଚରେ ଯେଉଁ ଯୁଦ୍ଧ ଆରମ୍ଭ ହୋଇଛି ତାହା ମଧ୍ୟପ୍ରାଚ୍ୟ ପାଇଁ ଯେତିକି ବିପଦ ପରିବେଶ ବିଗାଡ଼ିବାରେ ସେତିକି ଦାୟୀ। ଜଳ ବାୟୁ ପରିବର୍ତ୍ତନ ଯୋଗୁଁ ସାରା ବିଶ୍ୱ ଚିନ୍ତିତ। ଯୁଦ୍ଧରେ ଯେତିକି ଜନ ଜୀବନ କ୍ଷତି ହେଉଛି ତାହା ଠାରୁ ପ୍ରାକୃତିକ ବିପର୍ଯ୍ୟୟ ବିଶ୍ୱ ପାଇଁ ଅଧିକ ବିପଦ ହୋଇଛି।


ଯୁଦ୍ଧ, ଅନ୍ତର୍ଜାତୀୟ ରାଜନୀତି ଓ ଅର୍ଥନୈତିକ ଅସ୍ଥିରତା ପୃଥିବୀକୁ ଯେତିକି ଆକ୍ରାମାକ୍ରା କରୁଛି, ତା'ଠାରୁ ଅଧିକ କ୍ଷତାକ୍ତ କଲାଣି ଜଳବାୟୁ ପରିବର୍ତ୍ତନଜନିତ ଅସ୍ୱାଭାବିକତା। ଥଣ୍ଡା ଜଳବାୟୁରେ ବଢ଼ି ଆସିଥିବା ୟୁରୋପ ମହାଦେଶବାସୀ ୪୦ରୁ ଊର୍ଦ୍ଧ୍ୱ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାକୁ ଦେଖି ସେମାନଙ୍କ ମୁଣ୍ଡ ବିଗିଡ଼ିଗଲାଣି। ଅତ୍ୟଧିକ ଗରମ ସହି ନ ପାରି ଲୋକଙ୍କ ମୃତ୍ୟୁଖବର ନିୟମିତ ଆସିଲାଣି। ଜଙ୍ଗଲ ନିଆଁ ଓ ଦୁର୍ଭିକ୍ଷଜନିତ ଯନ୍ତ୍ରଣା ବଢ଼ିଲାଣି। ସ୍ପେନ, ଫ୍ରାନ୍ସ ଓ ଗ୍ରୀସ୍ ଭଳି ଦେଶରେ ବିନାଶକାରୀ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିଛି। ଭିନ୍ନ ପାଣିପାଗ ଶୈଳୀ ଯୋଗୁ ଏହି ମହାଦେଶରେ ବ୍ୟାପକ ସ୍ଥାନାନ୍ତରଣ, ନଦୀଗୁଡ଼ିକ ଶୁଖିଯିବା ଏବଂ କୃଷି ଅମଳ ବାଧାପ୍ରାପ୍ତ ହେବା ଭଳି ସ୍ଥିତି ଉପୁଜିଛି। ଏହି ସନ୍ଧିକ୍ଷଣରେ ଭାରତ କଥା ଦେଖିଲେ ଜଳବାୟୁର ବ୍ୟାପକ ପରିବର୍ତ୍ତନ ସିଧାସଳଖ ଅନୁଭୂତ ହେଲାଣି। ଏଠାରେ ମୌସୁମୀ ବର୍ଷା ଅପେକ୍ଷା ଲଘୁଚାପଜନିତ ବୃଷ୍ଟି ଗୋଟେ ଗୋଟେ ଅଞ୍ଚଳକୁ ବୁଡ଼ାଇ ଦେଉଛି। ଆଶ୍ଚର୍ଯ୍ୟର କଥା ଯେ ସ୍ୱାଭାବିକ ମୌସୁମୀ ଦେଖିବାକୁ ମିଳୁନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଲଘୁଚାପରେ ବର୍ଷା କେବଳ ନୁହେଁ, ସବୁ କଥା 'ଚାପ'ରେ ହେଉଛି। ଯେଉଁ ସମୟରେ ଯେଉଁଭଳି ଭାବେ ଋତୁର ପ୍ରଭାବ ଅନୁଭୂତ ହେବା କଥା, ତାହା ଦେଖାଯାଉ ନାହିଁ। କହିବାକୁ ଗଲେ ପ୍ରକୃତି ବିଗିଡ଼ି ନାହିଁ। ମଣିଷ ପାଇଁ ତାହାର ପ୍ରଭାବ ବଦଳୁଥିବାରୁ ସମସ୍ୟା ଆମର, ପ୍ରକୃତିର ନୁହେଁ।

ଅନ୍ତର୍ଜାତୀୟ ସ୍ତରରୁ ଜାତୀୟ ଓ ଆଞ୍ଚଳିକ ସ୍ତରକୁ ଓହ୍ଲାଇକରି ଦେଖିଲେ ମଣିଷର କାର୍ଯ୍ୟକଳାପ ସବୁ ପ୍ରକାର ଅସ୍ୱାଭାବିକତା ପାଇଁ ଦାୟୀ ବୋଲି ଜୋର ଦେଇ କହିହେବ। ଆମେ ଓଡ଼ିଶାରେ ମନୁଷ୍ୟକୃତ ଧ୍ୱଂସାତ୍ମକ ପରିଣତିକୁ ମର୍ମେ ମର୍ମେ ଅନୁଭବ କରୁଛେ। ଜଙ୍ଗଲକ୍ଷୟ, ଭୂତଳ ବିଦାରି ଅତ୍ୟଧିକ ଖଣିଜ ପଦାର୍ଥ ଉତ୍ତୋଳନ ଯୋଗୁ ଜୀବଜନ୍ତୁଙ୍କ ବାସସ୍ଥଳୀ ନଷ୍ଟ ହେବାରୁ ସେମାନେ ରାସ୍ତାକୁ ଆସି ସେମାନଙ୍କ ଖାଦ୍ୟ ମାଗିବା ଦୃଶ୍ୟ ଦେଖିବାକୁ ମିଳିଲାଣି। ସୁନ୍ଦରଗଡ଼ କୋଇଡ଼ା ବନାଞ୍ଚଳ ଅନ୍ତର୍ଗତ ପାନ୍‌ପୋଶିଆ-ଯୋଡ଼ିପଡ଼ା ରାସ୍ତାରେ ଏକ ଦନ୍ତାହାତୀ ଟ୍ରକ୍‌କୁ ଅଟକାଇ ଖାଦ୍ୟ ମାଗୁଥିବା ଛବି ସୋସିଆଲ ମିଡିଆରେ ଘୂରୁଥିବା ଲକ୍ଷ୍ୟ କରାଯାଇଛି। ହାତୀଟିକୁ ଯିଏ ଖାଇବାକୁ ଦେଉଛି ସେ ତାହାକୁ ଗ୍ରହଣ କରୁଛି, କିଛି ନ ମିଳିଲେ କ୍ଷତି କରୁ ନ ଥିବା ଲକ୍ଷ୍ୟ କରାଯାଉଛି। ଏହା ଦ୍ୱାରା ଟ୍ରାଫିକ୍ ଜାମ୍ ହେଉଥିବା ଦୃଶ୍ୟ ନଜରକୁ ଆସିଛି। ଏଥିରୁ ଅନେକ ବିଷୟ ଆଲୋଚନା ପରିସରକୁ ଆସିପାରେ। ହାତୀ ବାସସ୍ଥଳୀରେ ମଣିଷର ବାସଭବନ, ହୋଟେଲ, ଶିଳ୍ପ ଗଢ଼ି ଉଠିବା ପରେ ସେ ବେଘର ହୋଇ ରାସ୍ତାକୁ ଓହ୍ଲାଇ ଆସିବା ସ୍ୱାଭାବିକ। କହିବାକୁ ଗଲେ ଖାଦ୍ୟ ମାଗୁଥିବା ହାତୀ ଭଳି ସବୁ ଶାନ୍ତ ନୁହନ୍ତି, ଯେଉଁ ଗଜମାନେ ରାଗିଯାଉଛନ୍ତି ସେମାନେ ମଣିଷର ଧନଜୀବନ ନେଇଯାଉଛନ୍ତି। ସେମାନଙ୍କୁ ରଗେଇବା ପାଇଁ ମଣିଷ ହିଁ ଦାୟୀ। ଏଭଳି ସ୍ଥିତିରେ ପହଞ୍ଚିବାଯାଏ କଥା କାହିଁକି ଯାଉଛି ତାହା ଉପରେ ବନବିଭାଗ ସମେତ ସ୍ଥାନୀୟ ପ୍ରଶାସନ ଓ ଅଧିବାସୀମାନେ ହେଜିବା ଦରକାର। ପରିବେଶ ଅବକ୍ଷୟ, ଖାଦ୍ୟ ସଙ୍କଟ ଏବଂ ମଣିଷ-ପଶୁ ସଂଘର୍ଷର ଗୁରୁତର ଦିଗକୁ ଅନିଷା କରିବାର ସମୟ ଆସିଲାଣି। ମଣିଷ ଭାବୁଛି କଳେବଳେ କୌଶଳେ ଜନ୍ତୁମାନଙ୍କୁ କରାୟତ୍ତ କରିଦେବ। କିନ୍ତୁ ବୁଝିବା ଦରକାର ଯେ, ଏସବୁ ଅସଙ୍ଗତିକୁ ଆଉ ଶୀଘ୍ର ଦୂର କରିବା କଷ୍ଟକର ହୋଇପଡ଼ିବ। ବିଶ୍ୱବ୍ୟାପୀ ଚାଲିଥିବା ଯୁଦ୍ଧକୁ ହୁଏତ ଗୋଟିଏ ସମୟ ଆସିପାରେ ଆଲୋଚନା ମାଧ୍ୟମରେ ବନ୍ଦ କରାଯାଇପାରିବ। କିନ୍ତୁ ପ୍ରକୃତି ଓ ପରିବେଶକୁ ଯେତେ ମାତ୍ରାରେ ନଷ୍ଟ କରି କରିଦିଆଗଲାଣି ସେଥିରେ ପୂର୍ଣ୍ଣଚ୍ଛେଦ ଲାଗି ନ ପାରେ। ଏହାର ରାଶି ରାଶି ଉଦାହରଣ ଉତ୍ତର ଭାରତର ଚାରିଧାମ ଅଞ୍ଚଳଠାରୁ ଦକ୍ଷିଣ ଭାରତର ଓ୍ୱାୟନାଡ୍ ପର୍ଯ୍ୟନ୍ତ ପ୍ରକୃତି ସତର୍କବାଣୀ ଦେଇଚାଲିଛି ଏବଂ ପ୍ରତ୍ୟେକ ଥର ତାହା ଅଧିକରୁ ଅଧିକ ବିଷମ ହେଉଛି। ସରକାରୀ ଅନୁମୋଦନ ସହିତ ଆରାବଳିରୁ ଆଣ୍ଡାମାନ ନିକୋବରକୁ ଖିନ୍‌ଭିନ୍ କରିବା କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇସାରିଲାଣି।

**ଜଳବାୟୁ ପରିବର୍ତ୍ତନ**
**ଜୀବ ଜଗତ ପାଇଁ ଆହ୍ୱାନ**

ଏବେ ସରକାରୀ ନୀତିରେ ଆମୂଳଚୂଳ ପରିବର୍ତ୍ତନ ଜରୁରୀ। ଜନସାଧାରଣଙ୍କ ସଚେତନତା ଓ ଚାପ ବୃଦ୍ଧି ସହିତ ସରକାରୀ ନୀତି ଓ ଶିଳ୍ପପତିଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ମଣିଷ ଜୀବନକୁ ଭବିଷ୍ୟତରେ ସହଜ ଓ ସୁନ୍ଦର କରିପାରିବ ବୋଲି ବିଶ୍ୱାସ କରାଯାଏ।

# ରାଷ୍ଟ୍ରଚେତନାର ଏକ ଅମଳିନ ଅଧ୍ୟାୟ



ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ
ଅଟଳ ବିହାରୀ ବାଜପେୟୀ
(୧୯୨୪-୨୦୧୮)



ଅଭିଷେକ ଯୋଶୀ
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

ଭାରତର ରାଜନୈତିକ ଇତିହାସରେ କେତେକ ଏମିତି ନାମ ଅଛି, ଯେଉଁମାନେ କେବଳ ସତ୍ତାର ସିଂହାସନରେ ଅଧିଷ୍ଠିତ ହୋଇନଥାନ୍ତି, ବରଂ ଜନମନସରେ ନିଜର ଉଜ୍ଜ୍ୱଳ ଆଭାରେ ଅମର ହୋଇଯାନ୍ତି। ଅଟଳ ବିହାରୀ ବାଜପେୟୀ ସେହି ଦୁର୍ଲଭ ମହାପୁରୁଷମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ। ସେ ଥିଲେ କେବଳ ଜଣେ ରାଜନେତା ନୁହେଁ, ବରଂ ଭାରତୀୟ ଚେତନାର କାବ୍ୟମୟ ପ୍ରତିଭୂତି। ତାଙ୍କ ଜୀବନ, ତାଙ୍କ ଭାଷଣ, ତାଙ୍କ ନୀତିବୋଧ ଏବଂ ତାଙ୍କ ରାଷ୍ଟ୍ରନିଷ୍ଠ ଚିନ୍ତା—ସବୁକିଛି ଏକାଧାରେ ଗୌରବ, ସଂଯମ ଓ ମାନବିକତାର ଗାଥା।

ଅଟଳଜୀଙ୍କ ବ୍ୟକ୍ତିତ୍ୱର ମହାନତା ଏଠି ଥିଲା ଯେ, ସେ ରାଜନୀତିକୁ କେବଳ ପ୍ରତିସ୍ପର୍ଧାର ମଞ୍ଚ ଭାବେ ନୁହେଁ, ଏକ ରାଷ୍ଟ୍ରନିର୍ମାଣର ପବିତ୍ର ଯଜ୍ଞଭୂମି ଭାବେ ଦେଖୁଥିଲେ। ମତଭେଦ ଥାଇପାରେ, କିନ୍ତୁ ବିରୋଧରେ ମଧ୍ୟ ଶିଷ୍ଟାଚାର, ସମ୍ମାନ ଓ ସୌଜନ୍ୟ ରହିବା ଉଚିତ—ଏହି ଆଦର୍ଶକୁ ସେ ନିଜ ଜୀବନରେ ପ୍ରତିଷ୍ଠା କରିଥିଲେ। ଇନ୍ଦିରା ଗାନ୍ଧୀଙ୍କୁ "ଦୁର୍ଗା" ସହ ତୁଳନା କରିଥିବା ତାଙ୍କର ଉକ୍ତି ଭାରତୀୟ ରାଜନୀତିରେ ଏକ ଗଭୀର ଅର୍ଥବାହୀ ମୁହୂର୍ତ୍ତ। ଏହା କେବଳ ଜଣେ ନେତ୍ରୀଙ୍କୁ ସମ୍ମାନ ଦେବାର ସ୍ୱର ନୁହେଁ, ବରଂ ନାରୀଶକ୍ତି, ସାହସ ଓ ଅଦମ୍ୟତା ପ୍ରତି ଏକ ଉଚ୍ଚମାନର ସ୍ୱୀକୃତି। ଏମିତି ଉଦାର ରାଜନୈତିକ ହୃଦୟ କେବଳ ଅଟଳଜୀଙ୍କ ଭଳି ମହାନ ବ୍ୟକ୍ତିଙ୍କ ନିକଟରେ ଦେଖିବାକୁ ମିଳେ।

ତାଙ୍କର ଚିନ୍ତାଧାରାର କେନ୍ଦ୍ରବିନ୍ଦୁରେ ସଦା ଥିଲା ଭାରତ। ଦେଶର ସ୍ୱାଭିମାନ, ସୀମାର ସୁରକ୍ଷା, ଜନସାଧାରଣର କଲ୍ୟାଣ, ଓ ନବନିର୍ମାଣର ପଥ—ଏହି ସବୁ ତାଙ୍କ ରାଜନୀତିର ମୂଳସ୍ତମ୍ଭ। ସେ ବିଶ୍ୱାସ କରୁଥିଲେ ଯେ ରାଷ୍ଟ୍ରପ୍ରେମ କେବଳ ଭାବନାର ଉଚ୍ଚାରଣ ନୁହେଁ, ବରଂ କର୍ତ୍ତବ୍ୟବୋଧର ନିରବ ଅଭ୍ୟାସ। ତାଙ୍କ ପାଇଁ "ଭାରତ ପ୍ରଥମ" ଏକ ନାରା ନୁହେଁ, ଏକ ଜୀବନମନ୍ତ୍ର ଥିଲା। ଏହି ଚେତନାରେ ସେ କେବେ ଦଳୀୟ ସୀମାରେ ବନ୍ଧା ହୋଇନଥିଲେ; ତାଙ୍କ ଦୃଷ୍ଟି ସଦା ଥିଲା ଦେଶର ବଡ଼ ହିତରେ।

ବାଜପେୟୀଙ୍କ ଶାସନକାଳ ଭାରତର ଉନ୍ନୟନ ଓ ଆତ୍ମବିଶ୍ୱାସର ଏକ ସୁନ୍ଦର ପର୍ବ ଥିଲା। ସଡ଼କ, ସଂଯୋଗ, ଗ୍ରାମୀଣ ଅବକାଠାମୋ, ପ୍ରଯୁକ୍ତି ଓ ସୁଶାସନ—ସବୁକୁ ସେ ରାଷ୍ଟ୍ରଗଠନର ଅଂଗୀଭୂତ ଅଂଶ ବୋଲି ଭାବୁଥିଲେ। ଶକ୍ତିକୁ ସେ ଆକ୍ରୋଶରେ ନୁହେଁ, ସଂଯମରେ ବହନ କରିବାକୁ ଶିଖାଇଥିଲେ; ସାମର୍ଥ୍ୟକୁ ସେ ଅହଙ୍କାରରେ ନୁହେଁ, ସଂସ୍କାରରେ ପ୍ରକାଶ କରିଥିଲେ। ପୋଖରଣ ପରୀକ୍ଷା ହେଉ କି କାରଗିଲ୍ ସମୟର ଅଦମ୍ୟ ନେତୃତ୍ୱ, ସେ ସବୁବେଳେ ଦେଶର ସମ୍ମାନକୁ ସର୍ବୋଚ୍ଚ ସ୍ଥାନ ଦେଇଥିଲେ। ତାଙ୍କ ନେତୃତ୍ୱ ଶାନ୍ତିକୁ ଭଲପାଉଥିଲା, କିନ୍ତୁ ସ୍ୱାଭିମାନକୁ କେବେ ହାତଛାଡ଼ କରୁନଥିଲା।

ଅଟଳଜୀଙ୍କ ଅନ୍ୟତମ ମହାନତା ଥିଲା ତାଙ୍କ କବିହୃଦୟ। ରାଜନୀତିଜ୍ଞଙ୍କ ଭିଡ଼ ମଧ୍ୟରେ ଯେଉଁ ମନୁଷ୍ୟଟି କବିତାର ସ୍ପନ୍ଦନ ଧାରଣ କରିପାରେ, ସେ ମନୁଷ୍ୟର ଦୃଷ୍ଟି ସାଧାରଣ ହୋଇପାରେନି। ତାଙ୍କ ଶବ୍ଦରେ ଆଘାତ ନଥିଲା, ଦମ୍ଭ ନୁହେଁ, ଥିଲା ଦିଗଦର୍ଶନ। ତାଙ୍କ ଜୀବନ ଆମକୁ ଶିଖାଏ ଯେ ଏକ ସତ୍ୟ ରାଷ୍ଟ୍ରନେତା ସେଇ, ଯିଏ ନିଜ ସମୟକୁ ଅତିକ୍ରମ କରି ଭବିଷ୍ୟତକୁ ପ୍ରେରଣା ଦେଇଯାଏ।

ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି କେବଳ ଏକ ଅତୀତର ଅଧ୍ୟାୟ ନୁହେଁ; ସେ ଏକ ଜୀବନ୍ତ ପ୍ରେରଣା, ଏକ ରାଷ୍ଟ୍ରୀୟ ପୁଞ୍ଜି। ତାଙ୍କ ନାମ ଉଚ୍ଚାରିତ ହେଲେ ଭାରତୀୟ ଗରିମା, ସଂଯମଶୀଳ ରାଜନୀତି ଓ ନୀତିନିଷ୍ଠ ସେବାର ଛବି ଆମ ଚକ୍ଷୁରେ ଉଦ୍ଭାସିତ ହୁଏ। ସେ ଥିଲେ ଏକ ଏମିତି ନେତା, ଯାହାଙ୍କ ପାଇଁ ସତ୍ତା ହେଉଥିଲା ଦାୟିତ୍ୱ, ଏବଂ ଦେଶସେବା ହେଉଥିଲା ପୂଜା। ସେହିପରି ଅଟଳଜୀ ଆଜି ମଧ୍ୟ ଆମକୁ କହୁଛନ୍ତି—ରାଷ୍ଟ୍ର ପ୍ରଥମ, ତାହାପରେ ସବୁକିଛି।

# ସ୍ୱାଧୀନତାର ଅମୃତ ଆଲୋକରେ ଭାରତ



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର, ସୋନପୁର
ଦୁରଭାଷ- ୮୧୪୪୮ ୭୦୭୨୯

ଅଗଷ୍ଟ ୧୫ – କେବଳ ଏକ ତାରିଖ ନୁହେଁ, ଏହା ଭାରତୀୟ ଆତ୍ମାର ଏକ ଐତିହାସିକ ଉତ୍ସବ। ଏହା ସଂଗ୍ରାମ, ତ୍ୟାଗ, ବଳିଦାନ ଓ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନର ସ୍ମାରକ।

ପ୍ରତିବର୍ଷ ଅଗଷ୍ଟ ୧୫ ଆସିଲେ ସମଗ୍ର ଭାରତ ତ୍ରିରଙ୍ଗାର ରଙ୍ଗରେ ରଙ୍ଗିଯାଏ। ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଗାଁର ପ୍ରତିଟି ପ୍ରାନ୍ତ ପର୍ଯ୍ୟନ୍ତ ଗର୍ବର ସହ ଉଡ଼ିଥାଏ ଜାତୀୟ ପତାକା। ଆଜି 'ଘରେ ଘରେ ତ୍ରିରଙ୍ଗା'ର ଆହ୍ୱାନ ମଧ୍ୟ ଦେଶପ୍ରେମକୁ ଏକ ବ୍ୟାପକ ଜନଆନ୍ଦୋଳନର ରୂପ ଦେଇଛି। ଘରର ଛାତ ଉପରେ, ବାଲକୋନିରେ କିମ୍ବା ଅଗଣାରେ ଗର୍ବର ସହ ଉଡୁଥିବା ତ୍ରିରଙ୍ଗା କେବଳ ଏକ ପତାକା ନୁହେଁ; ଏହା ଆମର ଜାତୀୟ ଏକତା, ସ୍ୱାଧୀନତାର ଗୌରବ ଓ ଦେଶପ୍ରତି ଆମର ଅଙ୍ଗୀକାରର ପ୍ରତୀକ। ରାଷ୍ଟ୍ରୀୟ ସଙ୍ଗୀତର ସ୍ୱରରେ ଜାଗିଉଠେ ଦେଶପ୍ରେମ। କିନ୍ତୁ ଏହି ଉତ୍ସବ କେବଳ ପତାକା ଉତ୍ତୋଳନ, ମିଠା ବଣ୍ଟନ ଓ ଭାଷଣରେ ସୀମିତ ରହିବା ଉଚିତ୍ ନୁହେଁ। ସ୍ୱାଧୀନତା ଦିବସ ହେଉଛି ଆମ ସାମୂହିକ ଆତ୍ମସମୀକ୍ଷାର ମଧ୍ୟ ଏକ ଦିନ।

୧୯୪୭ ମସିହାର ଅଗଷ୍ଟ ୧୫ରେ ଭାରତ ଦୀର୍ଘ ଔପନିବେଶିକ ଶାସନରୁ ମୁକ୍ତିଲାଭ କଲା। ଏହି ସ୍ୱାଧୀନତା ପଛରେ ଥିଲା ଅସଂଖ୍ୟ ଜଣା-ଅଜଣା ଦେଶପ୍ରେମୀଙ୍କ ତ୍ୟାଗ। ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଅଦମ୍ୟ ସଂଗ୍ରାମ, ଭଗତ ସିଂହଙ୍କ ଅଦମ୍ୟ ସାହସ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୃଢ଼ ନେତୃତ୍ୱ, ଜବାହରଲାଲ ନେହେରୁଙ୍କ ରାଷ୍ଟ୍ର ଗଠନର ସ୍ୱପ୍ନ ସହ ଅନେକ ଅଜଣା ବୀରଙ୍କ ବଳିଦାନ ଭାରତର ସ୍ୱାଧୀନତା ଇତିହାସକୁ ସମୃଦ୍ଧ କରିଛି।

ସ୍ୱାଧୀନତାର ଅର୍ଥ କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ। ପ୍ରକୃତ ସ୍ୱାଧୀନତା ହେଉଛି—ଭୟରୁ ମୁକ୍ତି, ଅନ୍ୟାୟରୁ ମୁକ୍ତି, ଅଜ୍ଞାନରୁ ମୁକ୍ତି, ଦାରିଦ୍ର୍ୟରୁ ମୁକ୍ତି ଏବଂ ଭେଦଭାବରୁ ମୁକ୍ତି। ଯେତେବେଳେ ଦେଶର ପ୍ରତ୍ୟେକ ନାଗରିକ ସମାନ ସୁଯୋଗ ପାଇବେ, ଶିକ୍ଷା ଓ ସ୍ୱାସ୍ଥ୍ୟର ଅଧିକାରରୁ ବଞ୍ଚିତ ହେବେ ନାହିଁ, ନାରୀ ନିର୍ଭୟରେ ଚାଲିପାରିବେ, ଯୁବକ-ଯୁବତୀ ନିଜ ଯୋଗ୍ୟତା ଅନୁଯାୟୀ ସୁଯୋଗ ପାଇବେ ଏବଂ କୃଷକ ନିଜ ଶ୍ରମର ଉଚିତ ମୂଲ୍ୟ ପାଇବେ—ସେତେବେଳେ ସ୍ୱାଧୀନତାର ଅର୍ଥ ଆହୁରି ସାର୍ଥକ ହେବ। ଆଜି ଭାରତ ଏକ ଶକ୍ତିଶାଳୀ ଓ ଆତ୍ମବିଶ୍ୱାସୀ ରାଷ୍ଟ୍ର ଭାବେ ବିଶ୍ୱ ମଞ୍ଚରେ ନିଜର ସ୍ଥାନ ସୁଦୃଢ଼ କରୁଛି। ବିଜ୍ଞାନ, ପ୍ରଯୁକ୍ତି, ମହାକାଶ, ଡିଜିଟାଲ ଅର୍ଥନୀତି, କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଭାରତର ଅଗ୍ରଗତି ଆମକୁ ଗର୍ବିତ କରେ। ଚନ୍ଦ୍ରଯାନରୁ ଆରମ୍ଭ କରି ଡିଜିଟାଲ ଭାରତ ପର୍ଯ୍ୟନ୍ତ ଯାତ୍ରା ଏକ ନୂଆ ଭାରତର ଆତ୍ମବିଶ୍ୱାସର ପରିଚୟ ଦେଉଛି। ତଥାପି ଆଗକୁ ଯିବାର ପଥ ଦୀର୍ଘ। ଦାରିଦ୍ର୍ୟ, ବେକାରି, ଦୁର୍ନୀତି, ସାମାଜିକ ଭେଦଭାବ, ଅଶିକ୍ଷା, ପରିବେଶ ପ୍ରଦୂଷଣ ଓ ସାମାଜିକ ଅସହିଷ୍ଣୁତା ଭଳି ଆହ୍ୱାନ ଆମ ସମ୍ମୁଖରେ ରହିଛି। ଏହି ସମସ୍ୟାଗୁଡ଼ିକ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ; ଏଗୁଡ଼ିକର ସମାଧାନରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି—ଆମକୁ ଅଧିକାର ଦିଆଯାଇଛି; କିନ୍ତୁ ସେହି ଅଧିକାର ସହ କର୍ତ୍ତବ୍ୟ ମଧ୍ୟ ରହିଛି। ଦେଶର ଆଇନକୁ ସମ୍ମାନ କରିବା, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା କରିବା, ପରିବେଶକୁ ରକ୍ଷା କରିବା, ଅନ୍ୟର ଅଧିକାରକୁ ସମ୍ମାନ କରିବା ଓ ନିଜ କାର୍ଯ୍ୟକ୍ଷେତ୍ରରେ ନିଷ୍ଠାର ସହ ଦାୟିତ୍ୱ ପାଳନ କରିବା—ଏସବୁ ମଧ୍ୟ ଦେଶପ୍ରେମର ଅଂଶ। ସ୍ୱାଧୀନତାର ସୁରକ୍ଷା କେବଳ ସୀମାରେ ଥିବା ସୈନିକଙ୍କ ଦାୟିତ୍ୱ ନୁହେଁ। ସୀମାରେ ସୈନିକ ଦେଶକୁ ସୁରକ୍ଷା ଦିଅନ୍ତି; ସୀମା ଭିତରେ ନାଗରିକମାନେ ନିଜ ଦାୟିତ୍ୱ ପାଳନ କରି ଦେଶକୁ ସୁଦୃଢ଼ କରନ୍ତି। ଜଣେ ଶିକ୍ଷକ ନିଷ୍ଠାର ସହ ପଢ଼ାଇଲେ, ଜଣେ ଡାକ୍ତର ମାନବିକତାର ସହ ଚିକିତ୍ସା କଲେ, ଜଣେ କୃଷକ ମାଟିରେ ଶ୍ରମ କଲେ, ଜଣେ ଶ୍ରମିକ ନିଷ୍ଠାର ସହ କାମ କଲେ ଏବଂ ଜଣେ ସରକାରୀ କର୍ମଚାରୀ ସ୍ୱଚ୍ଛତାର ସହ ନିଜ ଦାୟିତ୍ୱ ତୁଲାଇଲେ—ସେଠାରେ ମଧ୍ୟ ଦେଶସେବା ହୁଏ।

ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ନିଜ ନିଜ କ୍ଷେତ୍ରରେ ନିଷ୍ଠା, ଶୃଙ୍ଖଳା, କର୍ତ୍ତବ୍ୟପରାୟଣତା ଓ ପରିଶ୍ରମକୁ ଜୀବନର ମାର୍ଗ କରି ଆଗେଇବାକୁ ହେବ। ସ୍ୱାଧୀନତା ଆମର ଗୌରବ; ଏହାର ସୁରକ୍ଷା ଆମର ଦାୟିତ୍ୱ। ତ୍ରିରଙ୍ଗାର ମର୍ଯ୍ୟାଦା ଆମର ଜାତୀୟ ସ୍ୱାଭିମାନ। ଆସନ୍ତୁ, ଏହି ଅଗଷ୍ଟ ୧୫ରେ କେବଳ 'ଜୟ ହିନ୍ଦ୍' ଉଚ୍ଚାରଣ ନ କରି, ନିଜ କର୍ମ ଓ ଚରିତ୍ର ମାଧ୍ୟମରେ ଭାରତକୁ ଆହୁରି ଶକ୍ତିଶାଳୀ, ସମୃଦ୍ଧ, ସମତାମୂଳକ ଓ ମାନବିକ ରାଷ୍ଟ୍ର ଭାବେ ଗଢ଼ିବାର ସଂକଳ୍ପ ନେବା।

**ଜୟ ହିନ୍ଦ୍**
**ବନ୍ଦେ ମାତରମ୍**

# ଜେନ୍ Z ଆଗରେ ଦୃଶ୍ୟମାନ, କିନ୍ତୁ ତାହାର ପଛରେ ରହିଛି ଜେନ୍ X ଓ ଜେନ୍ Y

**ସାମାଜିକ ଅନ୍ୱେଷଣ**



ବିଦ୍ୟାଧର ନାୟକ
ପୂର୍ବତନ ବରିଷ୍ଠ ନୌସୈନିକ
ଦୁରଭାଷ- ୯୬୫୮୮୫୯୪୨୪

ଆଜିକାଲି 'ଜେନ୍ Z' ବା 'ଜେନ୍ ଜି' ଶବ୍ଦଟି ଦେଶ ଓ ଦେଶ ବାହାରେ ବହୁତ ଚର୍ଚ୍ଚିତ। ନିକଟ ଦିନଗୁଡ଼ିକରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଏକ ଅସରପା (Cockroach) ଉପାଖ୍ୟାନ, CJP ଆନ୍ଦୋଳନର ଉଦ୍ଭବ, ଜନ୍ତର ମନ୍ତରରେ ଧାରଣା, ଏହାର ଅନ୍ତର୍ଜାତୀୟ ଚର୍ଚ୍ଚା, ବିରୋଧୀ ଦଳମାନଙ୍କର ସରକାର ବିରୋଧୀ ଆକ୍ରମଣାତ୍ମକ ବୟାନ, ସଂସଦର ବାରମ୍ବାର ମୁଲତବୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା, ପ୍ରଧାନମନ୍ତ୍ରୀଙ୍କ ସୋସିଆଲ ମିଡିଆ କାର୍ଯ୍ୟକଳାପ ଏବଂ ଶେଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଶ୍ରୀ ମୋହନ ଭାଗବତଙ୍କ ଦ୍ୱାରା ଜେନ୍ Zକୁ ଦେଶପ୍ରେମୀ ବୋଲି କୁହାଯିବା - ଏସବୁ ଘଟଣା ମିଶି 'ଜେନ୍ Z'କୁ ଏକ ନୂଆ ସାମାଜିକ ଆଲୋଚନାର କେନ୍ଦ୍ରବିନ୍ଦୁ କରିଛି। କିନ୍ତୁ ଏଠାରେ ଗୋଟିଏ ପ୍ରଶ୍ନ ଉଠେ - ଜେନ୍ Z କ'ଣ ହଠାତ୍ ଆକାଶରୁ ଖସିପଡ଼ିଥିବା ଏକ ପିଢ଼ି ? ନା ତାଙ୍କ ପଛରେ ରହିଛି ଅନେକ ପିଢ଼ିର ତ୍ୟାଗ, ସଂଘର୍ଷ, ପରିବର୍ତ୍ତନ ଓ ଅବଦାନ ? ମୋର ଆଜିର ସାମାଜିକ ଅନ୍ୱେଷଣର ମୂଳ ପ୍ରଶ୍ନ ଏହି। ପିଢ଼ିର ବିକାଶ - ଏକ ଦୀର୍ଘ ଯାତ୍ରା

ସାଧାରଣତଃ ଜନ୍ମବର୍ଷକୁ ଆଧାର କରି ମାନବ ସମାଜକୁ ବିଭିନ୍ନ Generation ବା ପିଢ଼ିରେ ବିଭକ୍ତ କରାଯାଏ। ଏହି ସୀମାରେଖା ସବୁ ଗବେଷଣାରେ ସମାନ ନୁହେଁ; ତଥାପି ସାଧାରଣ ଭାବେ ଏପରି ଏକ ବିଭାଜନ ଦେଖାଯାଏ - 1901–1927: The Greatest Generation, 1928–1945-Silent Generation, 1946–1964-Baby Boomers, 1965–1980-Generation X, 1981–1996:-Generation Y / Millennials 1997–2012 : Generation Z 2013–2025 : Generation Alpha 2026 ପରଠାରୁ : Generation Beta ବୋଲି କେତେକ ପ୍ରଚଳିତ ବର୍ଗୀକରଣରେ କୁହାଯାଉଛି। କିନ୍ତୁ ପିଢ଼ି କେବଳ ଜନ୍ମବର୍ଷର ଏକ ହିସାବ ନୁହେଁ। ପ୍ରତ୍ୟେକ ପିଢ଼ି ତା'ର ସମୟର ସାମାଜିକ ପରିବେଶ, ଅର୍ଥନୀତି, ଶିକ୍ଷା, ପ୍ରଯୁକ୍ତି, ରାଜନୀତି ଓ ପରିବାର ବ୍ୟବସ୍ଥାର ପ୍ରଭାବରେ ଗଢ଼ିଉଠେ।

ଜେନ୍ X - ଦୁଇଟି ଯୁଗ ମଧ୍ୟରେ ଏକ ସେତୁ। ମୋ ଦୃଷ୍ଟିରେ Generation X ଏକ ବିଶେଷ ପିଢ଼ି। କାରଣ ଏହି ପିଢ଼ି ଏକପଟେ ପୁରୁଣା ଭାରତକୁ ଦେଖିଛି, ଆଉ ଅନ୍ୟପଟେ ଆଧୁନିକ ଭାରତକୁ ଗଢ଼ିଉଠିବାର ସାକ୍ଷୀ ହୋଇଛି। ଏହି ପିଢ଼ିର ଅନେକ ଲୋକ ଏମିତି ସମୟ ଦେଖିଛନ୍ତି - ଯେତେବେଳେ ଗାଁର ରାସ୍ତା ମାଟି ଓ କାଦୁଅରେ ଭରିଥିଲା, ଘର ଓ ବିଦ୍ୟାଳୟର ଛାତ ଅନେକ ସ୍ଥାନରେ ଚାଳଛପର ଥିଲା। ଯାତାୟତ ପାଇଁ ଚାଲିବା, ସାଇକେଲ କିମ୍ବା ଶଗଡ଼ ଗାଡ଼ି ହିଁ ମୁଖ୍ୟ ଭରଷା ଥିଲା। ବିଦ୍ୟୁତ ସବୁ ଘରେ ପହଞ୍ଚିନଥିଲା। ଡିବିରି ଓ ଲଣ୍ଠନ ଆଲୋକରେ ପାଠ ପଢ଼ିବା ସେମାନଙ୍କ ଜୀବନର ଏକ ସାଧାରଣ ଅନୁଭୂତି ଥିଲା। ଦୂରରେ ଥିବା ପ୍ରିୟଜନଙ୍କୁ ଖବର ପଠାଇବା ପାଇଁ ପୋଷ୍ଟକାର୍ଡ, ଇନଲ୍ୟାଣ୍ଡ ଲେଟର, ଲଫାପା ଓ ଟେଲିଗ୍ରାମ ହିଁ ମୁଖ୍ୟ ମାଧ୍ୟମ ଥିଲା। ଆଜିର ପିଢ଼ି ପାଇଁ ଏସବୁ କଥା ହୁଏତ ଇତିହାସର ଏକ ଅଧ୍ୟାୟ ଭଳି ଲାଗିପାରେ। କିନ୍ତୁ Gen X ପାଇଁ ଏହା ଇତିହାସ ନୁହେଁ - ଏହା ସେମାନଙ୍କର ଜୀବନର ଅନୁଭୂତି।

Gen Xର ଅନେକ ଲୋକ ଗ୍ରାମୀଣ ପରିବେଶରୁ ଆସି ପରେ ସହରୀ ଜୀବନରେ ପ୍ରବେଶ କରିଛନ୍ତି। ଗାଁରେ ଗୁରୁଜନଙ୍କୁ ସମ୍ମାନ କରିବା, ପରିବାରର କଥା ମାନିବା, ସମାଜର ନିୟମକୁ ସମ୍ମାନ କରିବା -ଏସବୁ ସେମାନଙ୍କ ଜୀବନର ଅଂଶ ଥିଲା। ପ୍ରେମ ଥିଲା, କିନ୍ତୁ ଆଜି ଭଳି ମୋବାଇଲ ନଥିଲା। ଫୋନ୍ ନଥିଲା, WhatsApp ନଥିଲା, Facebook ନଥିଲା, Instagram ନଥିଲା। ଅନେକଙ୍କ ବିବାହ ମଧ୍ୟ ପରିବାରର ପସନ୍ଦ ଓ ସାମାଜିକ ପରମ୍ପରା ଅନୁଯାୟୀ ହେଉଥିଲା। ସେହି ପିଢ଼ି ଦାରିଦ୍ର୍ୟ, ଅଭାବ ଓ ମଧ୍ୟବିତ୍ତ ଜୀବନର ସଂଘର୍ଷ ମଧ୍ୟରେ ବଢ଼ିଥିଲା। କିନ୍ତୁ ସେହି ସଂଘର୍ଷ ତାଙ୍କୁ ଦୁର୍ବଳ କରିନଥିଲା। ବରଂ ସେହି ସଂଘର୍ଷ ହିଁ ସେମାନଙ୍କୁ ପରିବର୍ତ୍ତନର ସ୍ୱପ୍ନ ଦେଖାଇଥିଲା।

Gen X ଏମିତି ଏକ ସମୟ ଦେଖିଛି, ଯେତେବେଳେ ଦେଶ ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘ ପରିବର୍ତ୍ତନର ମାର୍ଗରେ ଥିଲା। ସରକାରୀ ବ୍ୟବସ୍ଥାରେ ପୁରୁଣା ପ୍ରଶାସନିକ ପରମ୍ପରାର ପ୍ରଭାବ ଥିଲା। ଶିକ୍ଷା ଓ ଚାକିରିର ସୁଯୋଗ ଆଜି ଭଳି ବ୍ୟାପକ ନଥିଲା। ଗରିବ ପରିବାରର ପିଲାଙ୍କ ପାଇଁ ଉଚ୍ଚଶିକ୍ଷା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ତେଣୁ Gen X କେବଳ ଅଭାବକୁ ଦେଖିନାହିଁ; ଅଭାବରୁ ବାହାରିବାର ଚେଷ୍ଟା ମଧ୍ୟ କରିଛି। ସେହି ଚେଷ୍ଟା ହିଁ ଆଗାମୀ ପିଢ଼ି ପାଇଁ ଏକ ନୂଆ ରାସ୍ତା ତିଆରି କରିଛି।

Gen X ଓ Gen Z ମଧ୍ୟରେ ଥିବା Generation Y - ଯାହାକୁ Millennials ମଧ୍ୟ କୁହାଯାଏ -ଏହି ପରିବର୍ତ୍ତନକୁ ଆହୁରି ଦ୍ରୁତ କରିଥିଲା। ଏହି ପିଢ଼ି ଏକ ଏମିତି ସମୟରେ ବଢ଼ିଲା ଯେତେବେଳେ ଟେକ୍ନୋଲୋଜି ଘର ଓ କାର୍ଯ୍ୟକ୍ଷେତ୍ରକୁ ଦ୍ରୁତ ଭାବେ ପ୍ରବେଶ କରୁଥିଲା। କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ ଫୋନ୍ ଓ ପରେ ସ୍ମାର୍ଟଫୋନ୍- ଏସବୁ ସେମାନଙ୍କ ଜୀବନର ଅଂଶ ହେଲା। ଏହି ପିଢ଼ି ଗ୍ଲୋବାଲାଇଜେସନ୍ ସହିତ ବଢ଼ିଲା। ଭାରତୀୟ ଯୁବକ-ଯୁବତୀମାନେ ବିଶ୍ୱର ବିଭିନ୍ନ ଦେଶରେ ଶିକ୍ଷା, ଚାକିରି ଓ ବ୍ୟବସାୟର ସୁଯୋଗ ପାଇଲେ।

ଏବେ ଆମେ Gen Zକୁ ଦେଖୁଛୁ। ଏହି ପିଢ଼ି ଏମିତି ଏକ ଦୁନିଆରେ ବଢ଼ିଛି ଯେଉଁଠି - ଇଣ୍ଟରନେଟ୍ ଜୀବନର ଅଂଶ, ସ୍ମାର୍ଟଫୋନ୍ ହାତରେ, Facebook, Instagram, X ଓ WhatsApp ଯୋଗାଯୋଗର ମାଧ୍ୟମ, Online shopping ସାଧାରଣ କଥା, OLA, UBER, SWIGGY, ZOMATO ଭଳି ଡିଜିଟାଲ ସେବା ଦୈନନ୍ଦିନ ଜୀବନର ଅଂଶ, Amazon ଓ Flipkart ଭଳି e-commerce ପ୍ଲାଟଫର୍ମ ଘରେ ବସି ବଜାରକୁ ଆଣିଦେଇଛି, Metro, SUV, EV ଓ ଆଧୁନିକ ପରିବହନ ସହରୀ ଜୀବନକୁ ପରିବର୍ତ୍ତନ କରିଛି, Artificial Intelligence ଏବେ ଶିକ୍ଷା, ଚାକିରି ଓ ବ୍ୟବସାୟର ନୂଆ ଅଧ୍ୟାୟ ଖୋଲୁଛି। ଆଜିର ଯୁବପିଢ଼ି ବିଶ୍ୱକୁ ନିଜ ହାତରେ ଥିବା ଏକ ସ୍ମାର୍ଟଫୋନ୍ ମାଧ୍ୟମରେ ଦେଖୁଛି।

ଏଠାରେ ଆମେ ଗୋଟିଏ କଥା ଭୁଲିଯିବା ଉଚିତ ନୁହେଁ - Gen Z ହେଉଛି ପରିବର୍ତ୍ତନର ଦୃଶ୍ୟମାନ ମୁହଁ; କିନ୍ତୁ ସେହି ପରିବର୍ତ୍ତନର ଭିତ୍ତି ନିର୍ମାଣ କରିଥିଲା Gen X ଓ Gen Y। Gen X ଅଭାବକୁ ଦେଖିଲା। Gen Y ପରିବର୍ତ୍ତନକୁ ତ୍ୱରାନ୍ୱିତ କଲା। Gen Z ସେହି ପରିବର୍ତ୍ତନକୁ ଡିଜିଟାଲ ଯୁଗରେ ନେଇଗଲା। ଏହା ହେଉଛି ପିଢ଼ି ପରେ ପିଢ଼ି ଚାଲିଥିବା ଏକ ଅବିରତ ଯାତ୍ରା।

Gen Zର ଏକ ବିଶେଷ ଗୁଣ ହେଉଛି - ସେମାନେ ପ୍ରଶ୍ନ କରିବାକୁ ଭୟ କରନ୍ତି ନାହିଁ। ସେମାନେ ପଚାରନ୍ତି - କାହିଁକି ? କାହିଁକି ଅନ୍ୟାୟ ହେବ ? କାହିଁକି ଦୁର୍ନୀତି ସହିବାକୁ ପଡ଼ିବ ? କାହିଁକି ନେତାଙ୍କୁ ପ୍ରଶ୍ନ କରାଯିବ ନାହିଁ ? କାହିଁକି ବ୍ୟବସ୍ଥାର ଭୁଲକୁ ଚୁପଚାପ ସହିବାକୁ ପଡ଼ିବ ? ଏହି ପ୍ରଶ୍ନ କରିବାର ସାହସ ଗଣତନ୍ତ୍ର ପାଇଁ ଖରାପ ନୁହେଁ। ବରଂ ଏକ ସଚେତନ ସମାଜ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ। ତେବେ ପ୍ରଶ୍ନ ସହିତ ଦାୟିତ୍ୱବୋଧ, ତଥ୍ୟର ସଠିକତା ଓ ସଂଯମ ମଧ୍ୟ ରହିବା ଆବଶ୍ୟକ। ଯେଉଁ ଯୁବକ ଆଜି ଅନ୍ୟାୟ ବିରୋଧରେ ପ୍ରଶ୍ନ କରୁଛି, ତାକୁ କେବଳ 'ବିଦ୍ରୋହୀ' ବୋଲି ଅଭିହିତ କରିଦେବା ଠିକ୍ ନୁହେଁ। ହୁଏତ ସେ ତାଙ୍କ ପୂର୍ବ ପିଢ଼ିର ସଂଘର୍ଷରୁ ଶିଖିଛି। ହୁଏତ ତାଙ୍କ ବାପା-ମାଆ ଅଭାବ ମଧ୍ୟରେ ଶିକ୍ଷା ଲାଭ କରିଥିଲେ। ହୁଏତ ତାଙ୍କ ଜେଜେବାପା-ଜେଜେମାଆ ଆହୁରି କଠିନ ସମୟ ଦେଖିଥିଲେ। ସେହି ଅନୁଭୂତିର ଉପରେ ଠିଆ ହୋଇ ଆଜିର ଏରଭ ତ ନିଜ ପାଇଁ ଏକ ଭିନ୍ନ ଭବିଷ୍ୟତ ଚାହୁଁଛି। ତେଣୁ - ପିଢ଼ିକୁ ପିଢ଼ି ବିରୋଧରେ ଠିଆ କରିବା ନୁହେଁ; ଗୋଟିଏ ପିଢ଼ିର ଅନୁଭୂତିକୁ ଅନ୍ୟ ପିଢ଼ିର ଶକ୍ତି ସହିତ ଯୋଡ଼ିବା ହିଁ ଆମର କର୍ତ୍ତବ୍ୟ।

Gen Zକୁ ବୁଝିବା ପାଇଁ ସେମାନଙ୍କୁ ଚୁପ୍ କରାଇବା ନୁହେଁ, ସେମାନଙ୍କୁ ଶୁଣିବା ଆବଶ୍ୟକ। ସେମାନଙ୍କ ପ୍ରଶ୍ନକୁ ଅବମାନ କରିବା ନୁହେଁ, ତାହାର ଉତ୍ତର ଦେବା ଆବଶ୍ୟକ। ସେମାନଙ୍କ ଅସନ୍ତୋଷକୁ ଦେଶବିରୋଧୀ ବୋଲି ଚିହ୍ନଟ କରିବା ପୂର୍ବରୁ, ସେହି ଅସନ୍ତୋଷର କାରଣ ଖୋଜିବା ଆବଶ୍ୟକ। କାରଣ ଏକ ଯୁବକ ଯେତେବେଳେ ଦେଶ, ସମାଜ ଓ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରେ, ସେତେବେଳେ ତା'ର ମନରେ ଏକ ଭଲ ସମାଜର ଆଶା ମଧ୍ୟ ଥାଇପାରେ। ଏକ ଦୂରଦର୍ଶୀ ନେତୃତ୍ୱର କାମ ହେଉଛି ସେହି ଆଶାକୁ ବୁଝିବା। ଆଜି Gen Z ବିଶ୍ୱରେ ଚର୍ଚ୍ଚିତ। କିନ୍ତୁ ଆମେ ଭୁଲିବା ଉଚିତ ନୁହେଁ - Gen Z ଏକାକୀ ତିଆରି ହୋଇନାହିଁ। ତାଙ୍କ ପଛରେ ଅଛନ୍ତି ସେହି ବାପା-ମାଆ, ଯେଉଁମାନେ ଅଭାବ ମଧ୍ୟରେ ସନ୍ତାନଙ୍କୁ ଭଲ ଭବିଷ୍ୟତ ଦେବା ପାଇଁ ସଂଘର୍ଷ କରିଥିଲେ। ତାଙ୍କ ପଛରେ ଅଛନ୍ତି Gen X ଓ Gen Y - ଯେଉଁମାନେ ପୁରୁଣା ଦୁନିଆରୁ ନୂଆ ଦୁନିଆକୁ ଯିବାର ସେତୁ ନିର୍ମାଣ କରିଥିଲେ। ଏବଂ ତାଙ୍କ ପଛରେ ଅଛି ଆହୁରି ଅନେକ ପୂର୍ବ ପିଢ଼ିର ଅନୁଭୂତି, ତ୍ୟାଗ ଓ ସଂଘର୍ଷ। Greatest Generation ଠାରୁ Silent Generation, Baby Boomers ଠାରୁ Gen X, Gen Y ଠାରୁ Gen Z - ଏହା ହେଉଛି ମାନବ ସମାଜର ଏକ ଅବିରତ ପରିବର୍ତ୍ତନର ଯାତ୍ରା। ଆଜି Gen Z ପ୍ରଶ୍ନ କରୁଛି। ଆସନ୍ତାକାଲି Gen Alpha ଆହୁରି ବଡ଼ ପ୍ରଶ୍ନ କରିବ। ତା'ପରେ Gen Beta ଆସିବ। ତେଣୁ ଆମର ଲକ୍ଷ୍ୟ ହେବା ଉଚିତ ନୁହେଁ - 'କେଉଁ ପିଢ଼ି ଭଲ ?' ବରଂ ପ୍ରଶ୍ନ ହେବା ଉଚିତ - 'କେଉଁ ପିଢ଼ି ପୂର୍ବ ପିଢ଼ିର ଭଲ ଅନୁଭୂତିକୁ ଗ୍ରହଣ କରି, ତାହାର ଭୁଲରୁ ଶିଖି, ଆଗାମୀ ପିଢ଼ି ପାଇଁ ଆହୁରି ଭଲ ସମାଜ ଗଢ଼ିପାରିବ ?' ଏହି ପ୍ରଶ୍ନର ଉତ୍ତର ହିଁ ଆମର ଭବିଷ୍ୟତ ନିର୍ଣ୍ଣୟ କରିବ। ଜେନ୍ Zକୁ ଶୁଣନ୍ତୁ। Gen Yର ଅନୁଭୂତିକୁ ବୁଝନ୍ତୁ। Gen Xର ସଂଘର୍ଷକୁ ସମ୍ମାନ କରନ୍ତୁ। ପୂର୍ବପିଢ଼ିର ତ୍ୟାଗକୁ ଭୁଲନ୍ତୁ ନାହିଁ। କାରଣ - ପିଢ଼ି ବଦଳେ, ସମୟ ବଦଳେ, ପ୍ରଯୁକ୍ତି ବଦଳେ; କିନ୍ତୁ ଏକ ଭଲ ସମାଜ ଗଢ଼ିବାର ଦାୟିତ୍ୱ ପ୍ରତ୍ୟେକ ପିଢ଼ିର।







ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



“ ସ୍ୱାଧିନତା ପ୍ରାପ୍ତିର ୭୯ ବର୍ଷ ଅତିକ୍ରମ କରି ଭାରତ ୮୦ ବର୍ଷରେ ପାଦ ଦେଇଛି । ସ୍ୱାଧିନତା ଆନ୍ଦୋଳନରେ ଯେଉଁମାନେ ଝାସ ଦେଇଥିଲେ ସେମାନଙ୍କୁ ଆମେ କେତେ ମନେ ରଖିଛେ, ସେ ଯେଉଁ ଲକ୍ଷ୍ୟ ଓ ସ୍ୱପ୍ନ ନେଇ ଭାରତ ବର୍ଷର ଚିତ୍ର ଦେଖିଥିଲେ ତାହା ସଫଳ ହୋଇଛି କି ? କେବଳ ଦେଶ ସିନା ସ୍ୱାଧିନ ହୋଇଛି, ସାମାଜିକ ସ୍ୱାଧିନ ଓ ଆର୍ଥିକ ସ୍ୱାଧିନତା ଆମ ପାଇଁ ବଡ଼ ଆହ୍ୱାନ ହୋଇଛି । ଗଣତନ୍ତ୍ର ଦେଶରେ ନାଗରିକ ଅଧିକାର ସମ୍ବିଧାନ ଭିତରେ ସିମିତ ହୋଇ ରହିଥିବା ବେଳେ ଶାସନ ବ୍ୟବସ୍ଥାରେ ତାହା ପ୍ରତିଫଳିତ ହେଉନାହିଁ। ସାଧାରଣ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଓ ଜନପ୍ରତିନିଧି ସେମାନଙ୍କ ଉତ୍ତର ଦାୟିତ୍ୱ କେତେ ଦୂର କାର୍ଯ୍ୟଶୈଳୀରେ ପ୍ରତିପାଦିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି.... ”

# ବନ୍ଦେ ମାତରମ୍

ଦୀର୍ଘ ୨୦୦ ବର୍ଷ ଧରି ବ୍ରିଟିସ୍ ଶାସନ ଚକ ତଳେ ପେଶି ହେଉଥିବା ଦେଶବାସୀ ଆଜି ଦିନରେ ସ୍ୱାଧୀନତାର ସ୍ୱାଦ ଚାଖିଥିଲେ ।୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ବର୍ଷର ଇତିହାସ ସବୁଦିନ ପାଇଁ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ । ୧୯୪୭ ଅଗଷ୍ଟ ୧୩-୧୪ ତାରିଖ ମଧ୍ୟ ରାତ୍ରରେ ଭାରତ ବିଦେଶୀ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କରିଥିଲା । ସ୍ୱାଧୀନତା ପାଇଁ ଭାରତର ସଂଘର୍ଷର ଯାତ୍ରା ବେଶ ସୁଦୀର୍ଘ । ଆଜି ଭାରତ ସ୍ୱାଧନତାର ୭୯ବର୍ଷ ପୁରୁଣ କରି୮୦ ତମ ସ୍ୱାଧୀନତା ଦିବସ ପାଳନ କରୁଛି । ତେବେ ଆସନ୍ତୁ ଜାଣିବା ଭାରତର କିଛି ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ବିଷୟରେ ।

## ଭାରତ ସ୍ୱାଧୀନତା ସଂଗ୍ରାମ : ୧୮୫୭-୧୯୪୭

ଇରେଜ ମାନଙ୍କ ଦ୍ୱାରା ୧୬୦୦ ମସିହାରେ ଗଠିତ ହୋଇଥିଲା ଇଷ୍ଟ ଇଣ୍ଡିଆ କମ୍ପାନି । ପ୍ରାଚ୍ୟ ଭୂଖଣ୍ଡରେ ବାଣିଜ୍ୟ କରିବା ଥିଲା ଏହି କମ୍ପାନି ଗଠନର ମୂଳ ଉଦ୍ଦେଶ୍ୟ । ଭାରତରେ ସେତବେଳେ ବ୍ରିଟିସଙ୍କ ସହ ଫରାସୀ, ଡ଼ଚ୍ ଆଦି ଗୋଷ୍ଠୀ ବ୍ୟବସାୟ କରୁଥିଲେ । ତେବେ ୧୭୫୭ରେ ରବର୍ଟ କ୍ଲାଇବଙ୍କ ନେତୃତ୍ୱରେ ବ୍ରିଟିସମାନେ ପଲାଶୀ ଯୁଦ୍ଧରେ ନବାବ ସିରାଜ- ଉଦୌଲାଙ୍କୁ ପରାସ୍ତ କରିବା ପରେ, କମ୍ପାନୀ ବିରୋଧରେ ଅସନ୍ତୋଷ ବଢ଼ିଥିଲା । ଧୀରେ ଧୀରେ କମ୍ପନୀର ଶକ୍ତି ବୃଦ୍ଧି ପାଇଥିଲା । ସମଗ୍ର ବଙ୍ଗ ପ୍ରଦେଶକୁ କମ୍ପାନୀ ନିଜ ନିୟନ୍ତ୍ରଣକୁ ନେଇଯାଇଥିଲା । କିନ୍ତୁ ଭାରତୀୟ ଶାସକ ମାନେ ଏକତ୍ର ନହୋଇ ନିଜ ନିଜ ସ୍ୱାର୍ଥ ଲାଗି ବ୍ରିଟିସ ପକ୍ଷରୁ ସାହାଯ୍ୟ ନେଇଥିଲେ । ବ୍ରିଟିସ୍ ମାନଙ୍କ ଶାସନ ଦ୍ୱାରା ଭାରତର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମି କ୍ରମେ ଭୁଶୁଡ଼ି ପଡ଼ିବାରୁ କମ୍ପାନି ବିରୋଧରେ ସମ୍ମିଳିତ ହୋଇ ବିଦ୍ରୋହ ଆରମ୍ଭ ହୋଇଥିଲା । ପ୍ରଥମେ ୧୮୦୬ରେ ଭେଲୋର ବିଦ୍ରୋହ ପରେ ୧୮୧୬ର ବରେଲୀ ବିଦ୍ରୋହ , ଓଡ଼ିଶାରେ ୧୮୧୭ର ବକ୍ସି ଜଗବନ୍ଧୁଙ୍କ ବିଦ୍ରୋହ, ୧୮୨୪ରେ ବାରକପୁର ବିଦ୍ରୋହ, ୧୮୩୧ରେ ଛୋଟନାଗପୁର କୋଲ ବିଦ୍ରୋହ ଆଦିର ବିଶେଷ ପ୍ରଭାବ କମ୍ପାନି ଉପରେ ପଡ଼ି ନଥିଲା । ୧୮୫୭ର ସିପାହୀ ବିଦ୍ରୋହ ପ୍ରଥମ ଥର ପାଇଁ କମ୍ପାନିର ମହଭୁତ ସ୍ଥିତିକୁ ଦୋହଲାଇ ଦେଇଥିଲା । ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ ।

## ସ୍ୱଦେଶୀ ଆନ୍ଦୋଳନ -

୧୯୦୫ରେ ଭାଇସରଏ ଲର୍ଡ଼ କର୍ଜନ ବଙ୍ଗ ପ୍ରଦେଶକୁ ଭାଙ୍ଗି ଦୁଇଟି ପ୍ରଦେଶରେ ପରିଣତ କରିଥିଲେ । ହିନ୍ଦୁ, ମୁସଲମାନ ବହୁଳ ଅଲଗା ଅଲଗା କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ । ହିନ୍ଦୁ ଓ ମୁସଲମାନଖଙ୍କ ମଧ୍ୟରେ ବିଭେଦକୁ ଭାରତୀୟ ଜାତୀୟ କଂଗ୍ରେସ କର୍ତ୍ତୃପକ୍ଷ ଗ୍ରହଣ କରିପାରିନଥିଲେ । ବଙ୍ଗ ଭଙ୍ଗ ବରୋଧରେ ସମଗ୍ର ଦେଶରେ ଜନ ଆନ୍ଦୋଳନ ସୃଷ୍ଟି ହୋଇଥିଲା । ବନ୍ଦେ ମାତରମ୍ ଧ୍ୱନୀ ଦେଇ ବ୍ରିଟସ ଦ୍ରବ୍ୟ ବର୍ଜନ ଓ ପୋଡ଼ିବା ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଇଥିଲା । ଏହାକୁ ସ୍ୱଦେଶୀ ଆନ୍ଦୋଳନ କୁହାଯାଏ ।

## ଅସହଯୋଗ ଆନ୍ଦୋଳନ -

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଇରେଜ ବିରୋଧୀ ଅସହଯୋଗ ଆନ୍ଦୋଳନ । ୧୯୧୯ରେ ବ୍ରିଟିସ୍ ବିଚାରପତି ସାର୍ ସିଡ଼ନି ରୌଲେଟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା । ସଂଗ୍ରାମୀଙ୍କୁ ବିନା ବିଚାରରେ ଜେଲରେ ଦୁଇ ବର୍ଷ ଅଟକ ରଖିବା ପାଇଁ ଏହି କମିଟି ସୁପାରିସ କରିଥିଲା । ଏହି କଳଙ୍କିତ ଆଇନ- 'ରୌଲେଟ୍ ଆଇନ'ରେ ଭାଇସରଏଙ୍କୁ ଅଖଣ୍ଡ କ୍ଷମତା ଦିଆଯାଇଥିଲା । ସ୍ୱାଭାବିକ ଭାବେ କଂଗ୍ରେସ୍ ଏହାର ବିରୋଧ କରିଥିଲା । ରୌଲେଟ୍ ବିରୋଧୀ ସମସ୍ତ ଆନ୍ଦୋଳନକୁ କଠୋର ହସ୍ତରେ ଦମନ କରିବା ଲାଗି ବ୍ରିଟିସ୍ ସରକାର ନିଷ୍ପତ୍ତି ନେଇଥିଲେ । ୧୯୧୯ ଏପ୍ରିଲ୍ ୧୩ରେ ବୈଶାଖୀ ପାଳନ ପାଇଁ ଅମୃତସରର ଜାଲିୟାଁଓ୍ୱାଲାବାଗ ମଇଦାନରେ ଶତାଧିକ ନରନାରୀ ଏକତ୍ର ହୋଇଥିଲେ । ରକ୍ତପିପାସୁ ଜେନେରାଲ ଡାୟାରଙ୍କ ନିର୍ଦ୍ଦେଶରେ ନିରୀହ ଜନତା ଉପରକୁ ଗୁଳି ଚଳାଯାଇଥିଲା । ସରକାରୀ ନଥିପତ୍ର ଅନୁଯାୟୀ ୩୭୯ ଜଣଙ୍କର ପ୍ରାଣ ଯାଇଥିଲା । ପ୍ରକୃତ ମୃତ୍ୟୁସଂଖ୍ୟା ବହୁତ ଅଧିକ ଥିଲା । ଏହି ହତ୍ୟାକାଣ୍ଡ ବିରୋଧରେ ଗାନ୍ଧୀ ୧୯୨୦ରେ ଅସହଯୋଗ ଆନ୍ଦୋଳନର ଡାକରା ଦେଇଥିଲେ । କୌଣସି କାର୍ଯ୍ୟରେ ସରକାରଙ୍କ ସହଯୋଗ ନ କରିବାକୁ ଗାନ୍ଧୀ ଆହ୍‌ବାନ ଦେଇଥିଲେ । ତେଣୁ, ଏହାକୁ 'ଅସହଯୋଗ ଆନ୍ଦୋଳନ' କୁହାଯାଏ ।

## ଲବଣ ସତ୍ୟାଗ୍ରହ –

ବ୍ରିଟିସ୍ ସରକାର ଲୁଣ ଉପରେ ଟିକସ ବସାଇବାରୁ ଆଇନ ଅମାନ୍ୟ କରି ଲୁଣ ମାରିବାକୁ ମହାତ୍ମା ଆହ୍‌ବାନ ଦେଇଥିଲେ । ଏହାକୁ ଆଇନ ଅମାନ୍ୟ ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ କୁହାଗଲା । ଲୁଣ-ମରା ଆଇନକୁ ବିରୋଧ କରି ୧୨ ମାର୍ଚ୍ଚ ୧୯୩୦ରେ ସେ ସାବରମତୀ ଆଶ୍ରମରୁ ପ୍ରସିଦ୍ଧ ଦାଣ୍ଡୀ ଯାତ୍ରା ଆରମ୍ଭ କରିଥିଲେ । ଚବିଶ ଦିନ ଧରି ୨୪୦ ମାଇଲ୍ ଚାଲିବା ପରେ ଏପ୍ରିଲ୍ ୬ ତାରିଖରେ ଅନ୍ୟ ସତ୍ୟାଗ୍ରହୀଙ୍କ ସହ ସେ ଦାଣ୍ଡୀରେ ପହଞ୍ଚି ଲୁଣ ମାରିଥିଲେ । ସମଗ୍ର ଭାରତରେ ତାଙ୍କୁ ଅନୁସରଣ କରି ଲୁଣ ମରାଯାଇଥିଲା । ଏହା ଲବଣ ସତ୍ୟାଗ୍ରହ ଭାବେ ଜଣାଶୁଣା । ଏହାର ପରିଣାମ ସ୍ୱରୂପ ଗାନ୍ଧୀଙ୍କ ସମତେ ବହୁ କଂଗ୍ରେସ୍ ନେତାଙ୍କୁ ଗିରଫ କରାଯାଇଥିଲା । ଏହି ସତ୍ୟାଗ୍ରହ ସମାଜର ସବୁ ବର୍ଗର ଲୋକଙ୍କୁ ଏକତ୍ର କରିପାରିଥିଲା । ଅସହଯୋଗ ଆନ୍ଦୋଳନ ପରି ଏହି ସତ୍ୟାଗ୍ରହ ମଧ୍ୟ ବ୍ରିଟିସ୍ ସରକାର ଉପରେ ଚାପ ପକାଇପାରିଥିଲା । ଏହି ଆନ୍ଦୋଳନ ଏତେ ବ୍ୟାପକ ହୋଇଥିଲା ଯେ, ବ୍ରିଟିସ୍ ସରକାର ବୁଝାମଣା କରିବାକୁ ବାଧ୍ୟ ହୋଇଥିଲେ ।

## ଭାରତ ଛାଡ଼ ଆନ୍ଦୋଳନ -

ଗାନ୍ଧୀଙ୍କର ତୃତୀୟ ତଥା ଶେଷ ପର୍ଯ୍ୟାୟ ଆନ୍ଦୋଳନ ଥିଲା ଭାରତ ଛାଡ଼ ଆନ୍ଦୋଳନ । ୧୯୪୨, ୯ ଅଗଷ୍ଟରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବାରୁ ଏହାକୁ ଅଗଷ୍ଟ ବିପ୍ଳବ ମଧ୍ୟ କୁହାଯାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗ ଦେବା ଲାଗି ବ୍ରିଟିସ ସରକାର ଭାରତୀୟଙ୍କ ସହଯୋଗ ଲୋଡ଼ିଥିଲେ । ସହଯୋଗ ବଦଳରେ ପୂର୍ଣ୍ଣ ସ୍ୱାଧୀନତା ଦାବି କରିଥିଲେ ମହାତ୍ମା ଗାନ୍ଧୀ । କାର୍ଯ୍ୟ ହାସଲ ହୋଇଯିବା ପରେ ବ୍ରିଟିସ ସରକାର ପ୍ରତିଶ୍ରୁତି ରଖିନଥିଲେ । ଏଥିପାଇଁ ଭାରତୀୟଙ୍କ ମନରେ ସୃଷ୍ଟି ହୋଇଥିଲା ତୀବ୍ର ଅସନ୍ତୋଷ । ୧୯୪୨ରେ ସାର୍ ଷ୍ଟାଫୋର୍ଡ଼ କ୍ରିପସଙ୍କୁ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା ପାଇଁ ପଠାଯାଇଥିଲା । ସ୍ୱାଧୀନତା ପ୍ରତିଶ୍ରୁତି ପୁରଣ କରିବା ପରିବର୍ତ୍ତେ, କିଛି ସ୍ୱତନ୍ତ୍ର ଅଧିକାର ମିଳିବା ପ୍ରସ୍ତାବ ନେଇ ଭାରତ ଆସିଥିଲେ କ୍ରିପସ୍ । ଜାତୀୟ କଂଗ୍ରେସ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ୧୯୪୨ ଅଗଷ୍ଟ ୮ରେ ମୁମ୍ବାଇର ଗ୍ୱାଲିଅର ଟ୍ୟାଙ୍କ ମଇଦାନରେ ଗାନ୍ଧୀ ବ୍ରିଟିସ ସରକାରଙ୍କ ହୀନ କାର୍ଯ୍ୟକଳାପ ବିରୋଧରେ ଉଦବୋଧନ ଦେଇଥିଲେ । ଭାଙ୍କର ଆହ୍ୱାନର ନାମ ଥିଲା କର ବା ମର ।

## ପୂର୍ଣ୍ଣ ସ୍ୱରାଜ ଆନ୍ଦୋଳନ -

୨୯ ଡ଼ିସେମ୍ବର ୧୯୨୯ରେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପୂର୍ଣ୍ଣ ସ୍ୱରାଜ ପାଇଁ ଆହ୍ୱାନ ଦିଆଯାଇଥିଲା ।୧୯୨୯ରେ ଗୋଲ ଟେବୁଲ ବୈଠକ ବିଫଳ ହେବା ପରେ କଂଗ୍ରେସ ପକ୍ଷରୁ ଏହି ନିଷ୍ପତି ନିଆଯାଇଥିଲା । ଏହା ଥିଲା ଭାରତର ସ୍ୱାଧୀନତା ପାଇଁ ପ୍ରଥମ ଘୋଷଣା । ସେହି ବର୍ଷ ୨୧ ଡିସେମ୍ବରରେ କଂଗ୍ରେସର ତତକାଳୀନ ସଭାପତି ଜବାହାରଲାଲ ନେହରୁ ଲାହୋରର ରାଧି ନଦୀ କୂଳରେ ପତାକୁ ଉତ୍ତୋଳନ କରିଥିଲେ ।

## ଚମ୍ପାରଣ- ଖେଡ଼ା ଆନ୍ଦୋଳନ -

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ହୋଇଥିବା ପ୍ରଥମ ଆନ୍ଦୋଳନ ହେଉଛି ଚମ୍ପାରଣ ସତ୍ୟାଗ୍ରହ । ଏହା ପରାଧୀନ ଭାରତର ପ୍ରଥମ ଆଇନ ଅମାନ୍ୟ ଆନ୍ଦୋଳନ । ବ୍ରିଟସ ଶାସନ ସମୟରେ ଚମ୍ପାରଣ ଗରିବ କୃଷକଙ୍କୁ ବଳପ୍ରୟୋଗ ଦ୍ୱାରା ନୀଳ ଚାଷ ପାଇଁ ବାଧ୍ୟ କରାଯାଉଥିଲା । ଏହାଦ୍ୱାରା ଚାଷୀଙ୍କୁ କୌଣସି ଲାଭ ହେଉନଥିଲା । ତେଣୁ, ୧୮୫୦ରେ ସେମାନେ ଏହାକୁ ବିରୋଧ କରିଆସୁଥିଲେ । ଚାଷୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଶୁଣି ଗାନ୍ଧୀ ୧୯୧୭ ଏପ୍ରିଲରେ ସେଠାରେ ପହଞ୍ଚିଥିଲେ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ତାଙ୍କ ସହ ଥିଲେ ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ କୃପଲାନୀ ପ୍ରମୁଖ । ସେହି ପରି, ଗାନ୍ଧୀଙ୍କ ନେତୃତ୍ୱରେ ହୋଇଥିବା ଦ୍ୱିତୀୟ ସଫଳ ଆନ୍ଦୋଳନ ହେଉଛି କେଡ଼ା ସତ୍ୟାଗ୍ରହ । ଏହା ଗୁଜରାଟର ଖେଡ଼ାରେ ହୋଇଥିଲା । ଏହା କୃଷକଙ୍କ ଠାରୁ ଅନ୍ୟାୟରେ ଆଦାୟ କରାଯାଉଥିବା କର ବରୋଧରେ ହୋଇଥିଲା ।

# ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଅବଦାନ





ଭାରତୀୟ ସ୍ୱାଧୀନତା ସଂଗ୍ରାମ କେବଳ ପୁରୁଷମାନଙ୍କର ବଳିଦାନ ଓ ସଂଘର୍ଷର କାହାଣୀ ନୁହେଁ, ବରଂ ଏହା ପଛରେ ରହିଛି ଅଗଣିତ ମହିଳାଙ୍କର ଅସୀମ ସାହସ, ତ୍ୟାଗ ଏବଂ ଅତୁଳନୀୟ ଯୋଗଦାନ । ଘରର ଚାରିକାନ୍ଥରୁ ବାହାରି ସେମାନେ ଯେତେବେଳେ ରାଜରାସ୍ତାରେ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କଲେ, ସେତେବେଳେ ସ୍ୱାଧୀନତା ଆନ୍ଦୋଳନ ଏକ ନୂଆ ମୋଡ଼ ନେଇଥିଲା । ସେମାନଙ୍କର ଭୂମିକା କେବଳ ସହଯୋଗୀ ଭାବରେ ସୀମିତ ନଥିଲା, ବରଂ ଅନେକ କ୍ଷେତ୍ରରେ ସେମାନେ ନେତୃତ୍ୱ ନେଇ ସମଗ୍ର ଦେଶ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ । **ସ୍ୱାଧୀନତା ଆନ୍ଦୋଳନରେ ମହିଳାଙ୍କ ଭୂମିକା:** ମହିଳାମାନେ ପିକେଟିଂ, ପ୍ରଭାତଫେରୀ, ବିଦେଶୀ ବସ୍ତ୍ର ବର୍ଜନ ଏବଂ ସଭାସମିତିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅନୁପ୍ରାଣିତ ହୋଇ ସେମାନେ ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ ।


ରାଣୀ ଲକ୍ଷ୍ମୀବାଈଙ୍କ ଠାରୁ ଆରମ୍ଭ କରି ସରୋଜିନୀ ନାଇଡୁ, କସ୍ତୁରବା ଗାନ୍ଧୀ, ବିଜୟ ଲକ୍ଷ୍ମୀ ପଣ୍ଡିତ, ଅରୁଣା ଆସଫ ଅଲୀଙ୍କ ପରି ଅନେକ ମହିଳା ନେତୃତ୍ୱ ସ୍ତରରେ ରହି ଆନ୍ଦୋଳନକୁ ଦିଗଦର୍ଶନ ଦେଇଥିଲେ । ସେମାନେ କେବଳ ସଂଗ୍ରାମୀ ନଥିଲେ, ବରଂ କବି, ଲେଖିକା ଓ ସମାଜସେବୀ ଭାବରେ ମଧ୍ୟ ଜନଜାଗରଣ ସୃଷ୍ଟି କରିଥିଲେ ।

ଅନେକ ମହିଳା ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ନିଜର ସୁଖ, ସୁବିଧା ଏବଂ ପରିବାରକୁ ତ୍ୟାଗ କରିଥିଲେ । ସେମାନେ ଲାଠିମାଡ଼ ସହିଥିଲେ, କାରାବରଣ କରିଥିଲେ ଏବଂ ଏପରିକି ନିଜ ଜୀବନକୁ ମଧ୍ୟ ବଳିଦାନ ଦେଇଥିଲେ । ଗାନ୍ଧୀଜୀଙ୍କ ଆହ୍ୱାନରେ ଅନେକ ମହିଳା ନିଜର ସୁନାଗହଣା ତିଲକ ସ୍ୱରାଜ ପାଣ୍ଠିକୁ ମଧ୍ୟ ଦାନ କରିଥିଲେ । ଖାଲି ସେତିକି ନୁହେଁ ସ୍ୱାଧୀନତା ସଂଗ୍ରାମ ସହିତ ମହିଳାମାନେ ସାମାଜିକ କୁସଂସ୍କାର, ନାରୀ ଶିକ୍ଷା ଓ ନାରୀ ସଶକ୍ତିକରଣ ପାଇଁ ମଧ୍ୟ ସ୍ୱର ଉତ୍ତୋଳନ କରିଥିଲେ । ସାବିତ୍ରୀବାଈ ଫୁଲେଙ୍କ ପରି ବ୍ୟକ୍ତିତ୍ୱ ନାରୀ ଶିକ୍ଷାର ପ୍ରସାର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ।


ଦେଶ ହିତରେ ଓଡ଼ିଶା ମହିଳାଙ୍କ ଅବଦାନ, ଭାରତର ଅନ୍ୟାନ୍ୟ ପ୍ରାନ୍ତ ଭଳି ଓଡ଼ିଶାର ମହିଳାମାନେ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ପଛରେ ପଡ଼ିନଥିଲେ । ରକ୍ଷଣଶୀଳ ସମାଜର ବାଧାବନ୍ଧନ ସତ୍ତ୍ୱେ ସେମାନେ ନିଜର ଦୃଢ଼ ଦେଶପ୍ରେମ ଏବଂ ଅଦମ୍ୟ ସାହସର ପରିଚୟ ଦେଇଥିଲେ ।

ରମା ଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀ, କୁନ୍ତଳା କୁମାରୀ ସାବତ, ଅନ୍ନପୂର୍ଣ୍ଣା ମହାରଣା, ପାର୍ବତୀ ଗିରିଙ୍କ ଭଳି ଅନେକ ମହିୟସୀ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଲବଣ ସତ୍ୟାଗ୍ରହରେ ଭୂମିକା:,,,ଇଞ୍ଚୁଡ଼ି ଓ କୁଜଙ୍ଗରେ ହୋଇଥିବା ଲବଣ ସତ୍ୟାଗ୍ରହରେ ଓଡ଼ିଆ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ରମା ଦେବୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା ଲୁଣ ମାରି ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ । ଜନଜାଗରଣ,,,କେବଳ ଶିକ୍ଷିତ ଏବଂ ଉଚ୍ଚବର୍ଗର ମହିଳା ନୁହଁନ୍ତି, ଇରମରେ ପୁଲିସ ଗୁଳିର ସମ୍ମୁଖୀନ ହୋଇଥିବା ପରୀ ବେୱାଙ୍କ ଭଳି ସାଧାରଣ ମହିଳାମାନେ ମଧ୍ୟ ଏହି ମହାସଂଗ୍ରାମରେ ନିଜକୁ ସାମିଲ କରିଥିଲେ ।

ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଯୋଗଦାନ କେବଳ ସଂଖ୍ୟା ବୃଦ୍ଧି କରିନଥିଲା, ବରଂ ଏହା ଆନ୍ଦୋଳନକୁ ଏକ ନୂଆ ଦିଗ ଏବଂ ଶକ୍ତି ପ୍ରଦାନ କରିଥିଲା । ଏହା ପ୍ରମାଣିତ କଲା ଯେ ସ୍ୱାଧୀନତାର ଲଢ଼େଇ କୌଣସି ଏକ ବର୍ଗର ନୁହେଁ, ବରଂ ସମଗ୍ର ଦେଶର । ନାରୀଶକ୍ତିର ଏହି ଜାଗରଣ ଭାରତୀୟ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଗଲା । ସେମାନଙ୍କର ଅବଦାନ ଯୁଗେ ଯୁଗେ ଦେଶ ସ୍ୱାଧୀନତାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।



# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ



ଦେଶବାସୀଙ୍କୁ ସ୍ୱାଧୀନତା ଦେବାକୁ କେତେ କେତେ ମହାପୁରୁଷ ନିଜର ବଳି ଚଢାଇଥିଲେ । ସେମାନଙ୍କ ତ୍ୟାଗ ଚିରଦିନ ପାଇଁ ଅମର ହୋଇରହିଯାଇଛି । ଦେଶର ସ୍ୱାଧୀନତାରେ ଓଡ଼ିଶାର ଭୂମିକା ଥିଲା ଅନ୍ୟତମ । ଆମ ଓଡ଼ିଶାର ବୀର ପୁରୁଷ ମାନେ ଛାଡି ଯାଇଛନ୍ତି ସେମାନଙ୍କର ଅଲିଭା ଛାପ ଯାହା ପ୍ରତ୍ୟେକଟି ଓଡ଼ିଆଙ୍କ ମନରେ ଲିପିବଦ୍ଧ ହୋଇଯାଇଛି । ଜୟରାଜଗୁରୁଙ୍କ ଠାରୁ ଆରମ୍ଭ କରି ଲକ୍ଷ୍ମଣ ନାୟକ ଫାଶି ଖୁଣ୍ଟରେ ଝୁଲିଥିବା ବେଳେ ଅନେକ ସ୍ୱାଧିନତା ସଗ୍ରାମୀ ସହିଦ ହୋଇଛନ୍ତି। ଆମ ଓଡ଼ିଶା ଇଂରେଜମାନଙ୍କ ଆସିବା ପୂର୍ବରୁ ମରହଟ୍ଟାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ୧୮୦୩ ମସିହାରେ ଇଂରେଜମାନେ ମରହଟ୍ଟା ମାନଙ୍କୁ ବିତାଡ଼ିତ କରି କଟକର ବାରବାଟି ଦୁର୍ଗ ଦଖଲ କରିଥିଲେ । ଧୀରେ ଧୀରେ କୌଶଳ କରି ସେମାନେ ସାରା ଓଡ଼ିଶା ଦଖଲ କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ପଶ୍ଚିମ ଓଡ଼ିଶାର ବୀର ସୁରେନ୍ଦ୍ର ସାଏ ଇଂରେଜ ମାନଙ୍କ ସହ ବୀର ଦର୍ପରେ ଲଢି ତାଙ୍କ ଗତିପଥରେ ବାଧା ଦେଇଥିଲେ ।ଯାହାଫଳରେ ସୁରେନ୍ଦ୍ର ସାଏଙ୍କୁ ୪୦ ବର୍ଷ ଜେଲର କରାଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । ଏବଂ ସେହି ଜେଲରେ ହିଁ ତାଙ୍କରମୃତ୍ୟୁ ଉତ୍କଳ ହୋଇଥିଲା ।

ଲକ୍ଷ୍ମଣ ନାୟକ: ଦକ୍ଷିଣ ଓଡ଼ିଶାର ଲକ୍ଷ୍ମଣ ନାୟକ ଇଂରେଜ ମାନଙ୍କ ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭାରତ ଛାଡ଼ ଆନେ୍ଦାଳନରେ ଯୋଗ ଦେଇ ଇଂରେଜ ମାନଙ୍କ ବିରୁଦ୍ଧରେ ଲଢିଥିଲେ । ମାତ୍ର ଭାରତ ମା ପାଇଁ ତାଙ୍କୁ ଫାଶି ଖୁଣ୍ଟରେ ଝୁଲିବାକୁ ପଡିଥିଲା । ସେହିପାରି ଖୋର୍ଦ୍ଧାରେ ଜୟୀ ରାଜଗୁରୁ ଏବଂ ପରବର୍ତ୍ତୀ ସମୟରେ ବକ୍ସି ଜଗବନ୍ଧୁ ପାଇକ ବିଦ୍ରୋହ ଆରମ୍ଭ କରିଥିଲେ । ଯାହା ବ୍ରିଟିଶ ଶାସନକୁ ଥରହର କରିଥିଲା । ପାଇକ ବିଦ୍ରୋହ ହେଉଛି ଦେଶ ସ୍ୱାଧୀନତାର ପ୍ରଥମ ମୁକ୍ତି ସଂଗ୍ରାମ । ନେତାଜୀ ସୁବାଷ ଚନ୍ଦ୍ର ବୋଷ: ନେତାଜୀ ସୁବାଷ ଚନ୍ଦ୍ର ବୋଷ ଇଂରେଜ ମାନଙ୍କ ବରୁଦ୍ଧରେ ଯେଉଁ ବିଦ୍ରୋହ କରିଥିଲେ ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଅଛି । ତାଙ୍କ ବିଷୟରେ କିଏ ବା ନ ଜାଣେ । ଆଜାଦ ହିନ୍ଦ ଫୌଜ ଗଠନ କରି ଓଡ଼ିଶା ତଥା ଭାରତ ମାଟିରୁ ଇଂରେଜ ମାନଙ୍କୁ ବିତାଡିତ କରିଥିଲେ ।

ଇଂରେଜ ମାନଙ୍କ ବିରୁଦ୍ଧରେ ସ୍ୱର ଉଠାଇଥିଲା ଓଡ଼ିଆ ସାହାସୀ ୧୨ ବର୍ଷ ବୟସର ପୁଅ ବାଜି ରାଉତ । ସାହାସର ସହିତ ଇଂରେଜ ମାନଙ୍କୁ ସାମ୍ନା କରି ଦମ୍ଭତାର ସହ ଇଂରେଜଙ୍କ ଗୁଳିରେ ପ୍ରାଣହରାଇଥିଲା । ଉତ୍କଳ ମଣି ଗୋପବନ୍ଧୁ ଦାସ । ଯିଏ ଓଡ଼ିଶାର ଦୀନ ଦରିଦ୍ରଙ୍କର ବନ୍ଧୁ ଥିଲେ । ଲୋକଙ୍କ ସେବା ପାଇଁ ନିଜ ପୁଅକୁ ମଧ୍ୟ ହରାଇଦେଇଥିଲେ । ସେ ଓଡିଶାରେ କଂଗ୍ରେସର ନେତୃତ୍ୱ ନେଇ ଇଂରେଜ ବିରୋଧରେ ଲଢେଇ କରିଥିଲେ ।

**ଗଜପତି କୃଷ୍ଣ ଚନ୍ଦ୍ରଦେବ:** ସ୍ୱାଧୀନତା ସଂଗ୍ରାମୀ ଗଜପତି କୃଷ୍ଣ ଚନ୍ଦ୍ରଦେବ ଯିଏକି ଇଂରେଜ ମୁକ୍ତ ଓଡ଼ିଶା ଓ ଭାଷାଭିତିକ ରାଜ୍ୟ ଗଢି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ବାଚସ୍ପତିଙ୍କ ନିଷ୍ପତ୍ତିକୁ ନେଇ ମୁହାଁମୁହିଁ ଶାସକ-ବିରୋଧୀ

## ବିଧାୟକ ଅଯୋଗ୍ୟତା ଆବେଦନ ଖାରଜ



- ✦ ଓଡ଼ିଶା ରାଜନୀତିରେ ନୂଆ ଝଡ଼
- ✦ ବିଜେଡି-କଂଗ୍ରେସ ଶିବିରରେ ପ୍ରବଳ ଗର୍ଜନ
- ✦ ବିଦ୍ରୋହୀ ବିଧାୟକଙ୍କୁ ବଡ଼ ଆଶ୍ୱସ୍ତି, ବିରୋଧୀଙ୍କୁ ଝଟକା
- ✦ ବାଚସ୍ପତିଙ୍କ ରୁଲିଂକୁ ନେଇ ଚର୍ଚ୍ଚା ଜୋର

ଭୁବନେଶ୍ୱର,୧୫/୦୮ (ଜେଏନ୍ଏସ୍):ଓଡ଼ିଶା ବିଧାନସଭା ଇତିହାସରେ ବିଧାୟକଙ୍କ ଅଯୋଗ୍ୟତା ମାମଲା ଏକ ସମ୍ବେଦନଶୀଳ ଏବଂ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଥିଲା, ଯାହାର ନିଷ୍ପତ୍ତି ରାଜ୍ୟ ରାଜନୀତିକୁ ବେଶ୍ ପ୍ରଭାବିତ କରିଛି । ଗତ ନିର୍ବାଚନ ସମୟରେ ରାଜ୍ୟସଭା ଆସନ ପାଇଁ ହୋଇଥିବା ଭୋଟିଂ ପ୍ରକ୍ରିୟାରେ ଦଳୀୟ ନିର୍ଦ୍ଦେଶ ଉଲ୍ଲଙ୍ଘନ କରି କ୍ରସ୍ ଭୋଟିଂ କରିଥିବା ନେଇ କିଛି ବିଧାୟକଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଏହି ଆଧାରରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିର ୮ ଜଣ ଏବଂ କଂଗ୍ରେସ ର ୩ ଜଣ ବିଧାୟକଙ୍କ ସଦସ୍ୟତା ରଦ୍ଦ କରିବା ସହ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ସମ୍ପୃକ୍ତ ଦଳ ପକ୍ଷରୁ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଇଥିଲା । ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଦୀର୍ଘ ଶୁଣାଣି ଏବଂ ଆଇନଗତ ଦିଗଗୁଡ଼ିକର ଅନୁଧ୍ୟାନ କରିବା ପରେ ଏହି ସମସ୍ତ ଅଯୋଗ୍ୟତା ଆବେଦନକୁ ଖାରଜ କରିଦେଇଥିଲେ । ବାଚସ୍ପତିଙ୍କ କହିବା ଅନୁଯାୟୀ, ଦଳଗୁଡ଼ିକ ପକ୍ଷରୁ ସମ୍ପୃକ୍ତ ବିଧାୟକମାନଙ୍କ ବିରୋଧରେ ଦିଆଯାଇଥିବା ଅଭିଯୋଗରେ ପର୍ଯ୍ୟାପ୍ତ ଆଇନଗତ ପ୍ରମାଣ ଏବଂ ତଥ୍ୟର ଅଭାବ ରହିଥିଲା । ଦଳବଦଳ ନିରୋଧୀ ଆଇନର ସମସ୍ତ ମାନଦଣ୍ଡ ଏଠାରେ ସମ୍ପୂର୍ଣ୍ଣ ଭାବେ ପ୍ରମାଣିତ ହୋଇପାରି ନଥିଲା । ବାଚସ୍ପତିଙ୍କ ଏହି ନିଷ୍ପତ୍ତି ପରେ ବିଜେଡି ଏବଂ କଂଗ୍ରେସ ଶିବିରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ ଯେ ଶାସକ ଦଳ ନିଜର ରାଜନୈତିକ ସୁବିଧା ଏବଂ ସଂଖ୍ୟା ଗରିଷ୍ଠତାକୁ ବଜାୟ ରଖିବା ପାଇଁ ବାଚସ୍ପତିଙ୍କ ସାମ୍ବିଧାନିକ ପଦବୀର ବ୍ୟବହାର କରିଛନ୍ତି । ଅନ୍ୟପଟେ ଶାସକ ବିଜେପି ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏହାକୁ ଏକ ନିରପେକ୍ଷ ଏବଂ ଆଇନସମ୍ମତ ନିଷ୍ପତ୍ତି ବୋଲି ଦର୍ଶାଇଥିଲା । ଏହି ରାୟ ଫଳରେ ବିଦ୍ରୋହୀ ବିଧାୟକମାନଙ୍କୁ ବଡ଼ ଧରଣର ଆଶ୍ୱସ୍ତି ମିଳିଥିଲା ଏବଂ ସେମାନଙ୍କ ବିଧାୟକ ପଦ ସୁରକ୍ଷିତ ରହିଥିଲା ।

# ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା



ଭୁବନେଶ୍ୱର, ୧୫/୮ (ଜେଏନ୍ଏସ୍): ଓଡ଼ିଶାର ନୂତନ ପୋଲିସ ମହାନିର୍ଦ୍ଦେଶକ ଚୟନ ପ୍ରକ୍ରିୟା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି । ବର୍ତ୍ତମାନର ଡିଜିପି ୱାଇ ବି ଖୁରାନିଆ ଆସନ୍ତା ଅଗଷ୍ଟ ୧୬, ୨୦୨୬ରେ ଅବସର ଗ୍ରହଣ କରୁଥିବାରୁ ଏହି ନିଯୁକ୍ତି ପ୍ରକ୍ରିୟା ଜୋରଦାର ହୋଇଛି । ୟୁନିଅନ୍ ପବ୍ଲିକ ସର୍ଭିସ କମିଶନର ଏମ୍ପାନେଲମେଣ୍ଟ କମିଟି ଆଜି (୧୩ ଅଗଷ୍ଟ ୨୦୨୬) ନୂଆଦିଲ୍ଲୀରେ ବୈଠକ କରି ତିନିଜଣ ଅଧିକାରୀଙ୍କ ନାମ ଚୂଡ଼ାନ୍ତ କରିବାର ସମ୍ଭାବନା ରହିଛି । ରାଜ୍ୟ ସରକାର ୟୁପିଏସ୍‌ସିକୁ ପଠାଇଥିବା ୧୧ ଜଣିଆ ତାଲିକାରେ କିଛି ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ନାମ ଚର୍ଚ୍ଚାରେ ରହିଛି । ୧୯୯୦ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ, ଯିଏକି ସବୁଠାରୁ ଆଗଧାଡ଼ିର ଦାବିଦାର ଅଟନ୍ତି । ସଞ୍ଜୀବ ପଣ୍ଡା ,୧୯୯୪ ବ୍ୟାଚ୍‌ର ଅଧିକାରୀ, ଯିଏକି ନିକଟରେ ଏଡିଜି ପାହ୍ୟାରୁ ଡିଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି । ଆର ପି କୋଚେ ,୧୯୯୩ ବ୍ୟାଚ୍ ଅଧିକାରୀ, ଯିଏ ବର୍ତ୍ତମାନ ଗୁପ୍ତଚର ବିଭାଗର ନିର୍ଦ୍ଦେଶକ ଅଛନ୍ତି । ଯଶୱନ୍ତ ଜେଠୱା,୧୯୯୪ ବ୍ୟାଚ୍ ଅଧିକାରୀ ଏବଂ ବର୍ତ୍ତମାନର ଭିଜିଲାନ୍ସ ନିର୍ଦ୍ଦେଶକ । ସୁଶାନ୍ତ କୁମାର ନାଥ,୧୯୯୩ ବ୍ୟାଚ୍ ଅଧିକାରୀ । ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ଅଭିଯୋଗ ହୋଇଛି ଯେ ରାଜ୍ୟ ସରକାର ପୂର୍ବ ନିର୍ଦ୍ଧାରିତ ତାଲିକାରେ ପରିବର୍ତ୍ତନ କରି ନିଜ ପସନ୍ଦର ଅଧିକାରୀଙ୍କୁ ସାମିଲ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ପ୍ରକାଶ ସିଂ ମାମଲାର ନିର୍ଦ୍ଦେଶାବଳୀର ଉଲଙ୍ଘନ କରୁଛି । ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୟୁପିଏସ୍‌ସି ନିୟମ ଅନୁଯାୟୀ, ଡିଜିପି ପଦ ପାଇଁ ଅନ୍ତତଃ ୨୫ ବର୍ଷର ସେବା ଏବଂ ଅବସର ପାଇଁ ଅତି କମରେ ୬ ମାସ ସମୟ ବାକି ଥିବା ଅଧିକାରୀମାନେ ଯୋଗ୍ୟ ବିବେଚିତ ହୁଅନ୍ତି । ବର୍ତ୍ତମାନ ରାଜ୍ୟ ପୋଲିସ ବାହିନୀରେ ଆଇପିଏସ୍ ଅଧିକାରୀଙ୍କ ଅଭାବ ରହିଥିବା ବେଳେ ଏହି ନୂତନ ନିଯୁକ୍ତି ରାଜ୍ୟର ଆଇନ ଶୃଙ୍ଖଳା ପରିଚାଳନା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି ।

# ଏମ୍‌ଏମ୍‌ଡ଼ିଆର୍ ବିଲ୍‌କୁ ନେଇ ବିଜେଡିର ପ୍ରତିବାଦ



ଭୁବନେଶ୍ୱର,୧୫/୦୮ (ଜେଏନ୍ଏସ୍): କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ପାରିତ ହୋଇଥିବା "ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬" କୁ ନେଇ ବିଜୁ ଜନତା ଦଳ କଡ଼ା ପ୍ରତିବାଦ କରିଛି । ବିଜେଡିର ଅଭିଯୋଗ ଅନୁଯାୟୀ, ଏହି ବିଲ୍ ଦ୍ୱାରା ଓଡ଼ିଶା ଭଳି ଖଣି ସମୃଦ୍ଧ ରାଜ୍ୟ ବ୍ୟାପକ ଆର୍ଥିକ କ୍ଷତି ସହିବ । ବିଜେଡିର ବରିଷ୍ଠ ନେତା ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଭିଯୋଗ କରିଛନ୍ତି ଯେ, ଏହି ବିଲ୍‌ରେ କ୍ଲଜ୍ ୯ (ଡି) ସାମିଲ କରାଯାଇ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ଖଣି ଓ ଖଣିଜ ସମ୍ପଦ ଉପରେ ଅତିରିକ୍ତ ଟ୍ୟାକ୍ସ ବା ସେସ୍ ଆଦାୟ କରିବା କ୍ଷମତାକୁ ଛଡ଼ାଇ ନେଇଛନ୍ତି । ୨୦୨୪ ମସିହାରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇ ଖଣିଜ ପଦାର୍ଥ ଉପରେ ଟ୍ୟାକ୍ସ ଏବଂ ସେସ୍ ଲଗାଇବା ପାଇଁ ରାଜ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଅଧିକାର ଦେଇଥିଲେ । ବିଜେଡିର କହିବା କଥା, କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଏହି ରାୟକୁ ବଦଳାଇବା ସହ ବଡ଼ ବଡ଼ ଶିଳ୍ପପତି ଓ ଖଣି କମ୍ପାନୀଗୁଡ଼ିକୁ ଫାଇଦା ପହଞ୍ଚାଇବା ପାଇଁ ଏହି ନୂଆ ଆଇନ ଆଣିଛନ୍ତି । ଗତ ବୁଧବାର ଦିନ ଲୋକସଭାରେ ବିରୋଧୀ ଦଳଗୁଡ଼ିକର ପ୍ରବଳ ହଟ୍ଟଗୋଳ ଏବଂ ସ୍ଲୋଗାନବାଜି ମଧ୍ୟରେ ଏହି ବିଲ୍‌କୁ କୌଣସି ଆଲୋଚନା ନକରି ବାଚନିକ ଭୋଟ୍‌ରେ ପାରିତ କରାଯାଇଛି, ଯାହାକୁ ବିଜେଡି ସମାଲୋଚନା କରିଛି । ଓଡ଼ିଶାର ବଜେଟ୍ ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପାଇଁ ଆବଶ୍ୟକ ଅର୍ଥର ଏକ ବଡ଼ ଭାଗ ଖଣିଜ ପଦାର୍ଥରୁ ମିଳୁଥିବା ଟ୍ୟାକ୍ସରୁ ଆସିଥାଏ ଥ୧.୨.୩ଧ । ଏହି ଆଇନ ଲାଗୁ ହେଲେ ଓଡ଼ିଶାର ସେହି ରାଜସ୍ୱ କମିଯିବ ଏବଂ ରାଜ୍ୟର ଋଣ ବୋଝ ବଢ଼ିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଓଡ଼ିଶା ଦେଶର ସବୁଠାରୁ ଭଲ ଆର୍ଥିକ ପରିଚାଳନା କରୁଥିବା ରାଜ୍ୟ ଭାବେ ସୁନାମ ଅର୍ଜନ କରିଥିଲା, କିନ୍ତୁ ବର୍ତ୍ତମାନ ଏହି ନୂଆ ଆଇନ ଯୋଗୁଁ ରାଜ୍ୟର ଆର୍ଥିକ ସ୍ଥିରତା ବିପନ୍ନ ହେବ ବୋଲି ବିଜେଡି ଆଶଙ୍କା ପ୍ରକାଶ କରିଛି । ଓଡ଼ିଶାରୁ ବିଜେପିର ୨୦ ଜଣ ସାଂସଦ ଜିତିଥିଲେ ମଧ୍ୟ ସେମାନେ ସଂସଦରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଏହି ବିଲ୍ ବିରୋଧରେ କାହିଁକି ସ୍ୱର ଉତ୍ତୋଳନ କଲେ ନାହିଁ ବୋଲି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ଥିବା ବିଜେପିର "ଡବଲ୍ ଇଞ୍ଜିନ୍" ସରକାର ଏହି ବିଲ୍ ଉପରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ଏବଂ ଓଡ଼ିଶାର ବାର୍ଷିକ କେତେ ରାଜସ୍ୱ କ୍ଷତି ହେବ ସେ ନେଇ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ବିଜେଡି ଦାବି କରିଛି । ବିଜେଡି ଏହି ପ୍ରସଙ୍ଗକୁ କେବଳ ସଂସଦରେ ସୀମିତ ନରଖି ଓଡ଼ିଶା ବିଧାନସଭା ଭିତରେ ଏବଂ ବାହାରେ (ରାଜପଥରେ) ଏକ ବଡ଼ ଆନ୍ଦୋଳନ ଭାବେ ଗଢ଼ି ତୋଳିବ ବୋଲି ଚେତାବନୀ ଦେଇଛି ।

# ନିଯୁକ୍ତିକୁ ନେଇ ବିଜେପି-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର,୧୫/୦୮ (ଜେଏନ୍ଏସ୍): ଓଡ଼ିଶାରେ ସରକାରୀ ଚାକିରି ଏବଂ ନିଯୁକ୍ତି ସଂଖ୍ୟାକୁ ନେଇ ଶାସକ ବିଜେପି ଏବଂ ବିରୋଧୀ ବିଜେଡି ମଧ୍ୟରେ ରାଜନୈତିକ ଯୁଦ୍ଧ ଚରମ ସୀମାରେ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ନିଜର ଦୁଇ ମାସର ସଫଳତା ଭାବେ ବ୍ୟାପକ ନିଯୁକ୍ତିର ତଥ୍ୟ ରଖିଥିବା ବେଳେ ବିଜେଡି ଏହାକୁ କଡ଼ା ସମାଲୋଚନା କରିଛି । ବିଜେପି ସରକାର ଦାବି କରିଛି ଯେ, ଶପଥ ଗ୍ରହଣ କରିବାର ମାତ୍ର ଦୁଇ ମାସ ମଧ୍ୟରେ ରାଜ୍ୟରେ ୪୫,୪୦୮ ଟି ସରକାରୀ ଚାକିରି ସୃଷ୍ଟି କରାଯାଇଛି । ଏହାସହ ବେସରକାରୀ ଏବଂ ଶିଳ୍ପ କ୍ଷେତ୍ରରେ ପ୍ରାୟ ୨୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସରକାର ବିଭିନ୍ନ ଯୋଜନା ଓ ପୁଞ୍ଜିନିବେଶକୁ ମଞ୍ଜୁରୀ ଦେଇଛନ୍ତି । ସରକାରଙ୍କ କହିବା କଥା ଯେ, ବିଜେପି ନିଜ ନିର୍ବାଚନୀ ଇସ୍ତାହାର (ସଂକଳ୍ପ ପତ୍ର) ର ପ୍ରତିଶ୍ରୁତି ଅନୁଯାୟୀ ଯୁବକମାନଙ୍କୁ ରୋଜଗାର ଦେବା ପ୍ରକ୍ରିୟା ଜୋରଦାର କରିଛି । ବିଜେଡିର ବରିଷ୍ଠ ନେତା ତଥା ପ୍ରବକ୍ତାମାନେ ଅଭିଯୋଗ କରିଛନ୍ତି ଯେ, ବିଜେପି ସରକାର ଯେଉଁ ୪୫,୦୦୦ ଚାକିରିର ଡିଣ୍ଡିମ ପିଟୁଛି, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ନିଯୁକ୍ତି ପ୍ରକ୍ରିୟା, ପରୀକ୍ଷା ଏବଂ ଫଳାଫଳ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ (ମେ ୨୦୨୪ ପୂର୍ବରୁ) ଶେଷ ହୋଇସାରିଥିଲା । ବିଜେଡି କହିଛି ଯେ, ଶିକ୍ଷକ, ପୋଲିସ ଏବଂ ପ୍ରଶାସନିକ ପଦବୀ ପାଇଁ ପୂର୍ବରୁ ହୋଇଥିବା ଚୟନକୁ ଏବେର ସରକାର ନିଜର ସଫଳତା ଭାବେ ଦେଖାଇ ଓଡ଼ିଶାର ଯୁବପିଢ଼ିଙ୍କୁ ଭ୍ରମିତ କରୁଛନ୍ତି । ଯଦି ବିଜେପି ସରକାର ପ୍ରକୃତରେ ନୂଆ ଚାକିରି ଦେଇଛି, ତେବେ ତାର ନୂଆ ବିଜ୍ଞପ୍ତି ପ୍ରକାଶ କରୁ । ଦୀର୍ଘ ୨୪ ବର୍ଷର ବିଜେଡି ଶାସନ କାଳରେ ବେକାରୀ ସମସ୍ୟା ଏକ ବଡ଼ ମୁଦ୍ଦା ଥିଲା । ବର୍ତ୍ତମାନ ବିଜେପି ସରକାର ପ୍ରଥମ ଦିନରୁ ହିଁ ନିଯୁକ୍ତି କ୍ଷେତ୍ରରେ ନିଜକୁ ଆଗୁଆ ଦେଖାଇ ଯୁବ ଭୋଟରଙ୍କ ମନ ଜିତିବାକୁ ଚେଷ୍ଟା କରୁଛି । ଅନ୍ୟପଟେ ବିଜେଡି ବିରୋଧୀ ଆସନରେ ବସିବା ପରେ ସରକାରଙ୍କ ପ୍ରତିଟି ଦାବିକୁ ତଥ୍ୟ ସହ ପ୍ରତ୍ୟାଖ୍ୟାନ କରି ନିଜର ଦୃଢ଼ ଉପସ୍ଥିତି ଜାହିର କରୁଛି ।

# ସେମିକଣ୍ଡକ୍ଟର ନୀତିର ସମ୍ପ୍ରସାରଣ



ଭୁବନେଶ୍ୱର,୧୫/୦୮ (ଜେଏନ୍ଏସ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶାକୁ ଏକ ବୈଷୟିକ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ "ଓଡ଼ିଶା ସେମିକଣ୍ଡକ୍ଟର ନୀତି (୩ୟ ସଂଶୋଧନ) ୨୦୨୬" କୁ ମଞ୍ଜୁରୀ ମିଳିଛି । କେନ୍ଦ୍ର ସରକାରଙ୍କ ଜାତୀୟ ସେମିକଣ୍ଡକ୍ଟର ମିସନର ନୂଆ ନିୟମାବଳୀକୁ ଆଧାର କରି ରାଜ୍ୟ ସରକାର ଏହି ନୀତିର ପରିସରକୁ ବ୍ୟାପକ ଭାବେ ସମ୍ପ୍ରସାରଣ କରିଛନ୍ତି । ଏହି ନୂଆ ସଂଶୋଧନ ଅନୁଯାୟୀ, 'ଇଣ୍ଡିଆ ସେମିକଣ୍ଡକ୍ଟର ମିସନ' ଦ୍ୱାରା ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକୁ ଓଡ଼ିଶା ସରକାର ସେମାନଙ୍କର ଯୋଗ୍ୟ ପୁଞ୍ଜି ଖର୍ଚ୍ଚର ଅତିରିକ୍ତ ୨୫ ପ୍ରତିଶତ (୨୫%) ଆର୍ଥିକ ସହାୟତା ଯୋଗାଇ ଦେବେ ।

ଏହି ଅର୍ଥ କେନ୍ଦ୍ର ସରକାରଙ୍କ ସହାୟତା ରାଶି ସହ ସମାନ୍ତରାଳ ଭାବେ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ ଅନୁଯାୟୀ ପ୍ରଦାନ କରାଯିବ । ପୂର୍ବରୁ ଏହି ନୀତି କେବଳ ଚିପ୍ ନିର୍ମାଣ ଓ ଡିଜାଇନିଂ ମଧ୍ୟରେ ସୀମିତ ଥିଲା । ମାତ୍ର ଏବେ ଏହି ପ୍ରୋତ୍ସାହନ ଢାଞ୍ଚାରେ ସେମିକଣ୍ଡକ୍ଟର ସପ୍ଲାଇ ଚେନ୍‌ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସାମିଲ କରାଯାଇଛି । ସେମିକଣ୍ଡକ୍ଟର ଉପକରଣ ଓ କଞ୍ଚାମାଲ କ୍ଷେତ୍ରରେ ଆସୁଥିବା ବୃହତ୍ ବା ମେଗା ପ୍ରକଳ୍ପଗୁଡ଼ିକୁ ଆକର୍ଷିତ କରିବା ପାଇଁ ସରକାର ସ୍ୱତନ୍ତ୍ର ଏବଂ କଷ୍ଟମାଇଜ୍‌ଡ୍ ପ୍ରୋତ୍ସାହନ ପ୍ୟାକେଜ୍ ପ୍ରଦାନ କରିବେ । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚସ୍ତରୀୟ କମିଟିର ସୁପାରିଶ ଆଧାରରେ ରାଜ୍ୟ କ୍ୟାବିନେଟ୍ ଏହି ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍‌କୁ ମଞ୍ଜୁରୀ ଦେବେ । ଓଡ଼ିଶା ସରକାରଙ୍କ ଏହି ସୁଦୃଢ଼ ଆଭିମୁଖ୍ୟ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୫ଟି ପ୍ରମୁଖ କମ୍ପାନୀ ରାଜ୍ୟରେ ନିବେଶ ପାଇଁ ପ୍ରସ୍ତାବ ଦେଇସାରିଛନ୍ତି । ସେଥିମଧ୍ୟରୁ ଦୁଇଟି ବଡ଼ ପ୍ରକଳ୍ପକୁ ଜାତୀୟ ସେମିକଣ୍ଡକ୍ଟର ମିସନ ଅଧୀନରେ ମଧ୍ୟ ସହାୟତା ମିଳିସାରିଛି । ସରକାରଙ୍କ ଆକଳନ ଅନୁଯାୟୀ, ଏହି ସଂଶୋଧନ ଦ୍ୱାରା ରାଜ୍ୟରେ ଉଚ୍ଚ ମାନର ଉତ୍ପାଦନ, ଲଜିଷ୍ଟିକ୍ସ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ସହ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ବିକାଶ ହେବ ଏବଂ ଭାରତର "ଆତ୍ମନିର୍ଭର ଭାରତ" ଭିଜନକୁ ଓଡ଼ିଶା ପ୍ରମୁଖ ଯୋଗଦାନ ଦେବ ।

ଓଡ଼ିଶା ସରକାରଙ୍କ ଅନୁକମ୍ପାମୂଳକ ନିଯୁକ୍ତି ନିୟମରେ କରାଯାଇଥିବା ସଂଶୋଧନ ଅଧିକ ଉଦାର, ସ୍ୱଚ୍ଛ ଏବଂ ମାନବୀୟ, ଯାହା ମୃତ କର୍ମଚାରୀଙ୍କ ପରିବାରକୁ ତ୍ୱରିତ ଆର୍ଥିକ ସୁରକ୍ଷା ଯୋଗାଇବାରେ ସହାୟକ ହେଉଛି । ଏହି ପରିବର୍ତ୍ତନ ଡିଜିଟାଲାଇଜେସନ ଏବଂ ବିବାହିତ ଝିଅ, ପୋଷ୍ୟ ସନ୍ତାନ ଭଳି ବିଷୟରେ ନିୟମ କୋହଳ କରି ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିଛି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

# ତୃତୀୟଲିଙ୍ଗୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ଼ ଘୋଷଣା

